بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 9

ସମ୍ପାଦକ:

କମୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ସଂଖ୍ୟା: 09

ବାର୍ଷିକ ଦେୟ : 600/-

www.akhbarbadr.in

18 ଶାବାନ୍ 1445 ହି.କ, 29 ତବଲିଗ୍ 1403 ହି.ଶ, 29 -FEB 2024 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

يَآ اَيُّهَا الَّذِيۡنَ اٰمَنُوۡۤا اِذَا لَقِيۡتُمۡ فِئَةً فَاثۡبُتُوۡا وَاذۡكُرُوا اللّٰهَ كَثِيۡرًا لَّعَلَّكُمۡ تُفۡلِحُوۡنَ

(ଅଲ୍ ଅନ୍‌ଫାଲ୍-46)

ଅନୁବାଦ : ହେ ବିଶ୍ୱାସକାରୀମାନେ ! ଯେତେବେଳେ ତୁମେମାନେ କୌଣସି ଅବିଶ୍ୱାସକାରୀ ସୈନ୍ୟ-ବାହିନୀ ସହିଦତ ଯୁଦ୍ଧର ସମ୍ମୁଖୀନ ହୁଅ ସେତେବେଳେ ସୁଦୃଢ ରୁହ ଏବଂ ଅଲ୍ଲାଃଙ୍କୁ ଅଧିକ ସ୍ମରଣ କର ତାହାହେଲେ ତୁମେମାନେ କୃତକାର୍ଯ୍ୟ ହେବ।

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ହୁଜୁର ଅନୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହୟାକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### (ବନ୍ଧକ ଥିବା ଜୀବ ଠାରୁ ଲାଭାନ୍ୱିତ ହେବ)

**(2511)** ହ. ଅବୁ ହୁରୈରାହ୍ ର.ଅ ନବୀ କରୀମଙ୍କ ଠାରୁ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହୁଥିଲେ ଯେ, ବନ୍ଧକ ଥିବା ଜୀବ ଉପରେ ଏଇଥିପାଇଁ ଖର୍ଚ୍ଚ କରାଯାଇଥାଏ ଯେ, ଯେତେବେଳେ ସେ ବନ୍ଧକରେ ଥିବ ସେତେବେଳେ ତା' ଉପରେ ଆରୋହଣ କରାଯାଉ ଓ ଦୁଗ୍ଧ ପ୍ରଦାନକାରୀ ଜୀବ ଠାରୁ କ୍ଷୀର ପାନ କରାଯାଉ ।

**(2512)** ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ, ଯେଉଁ ଜୀବ ବନ୍ଧକ ହୋଇଥିବ ତା' ଉପରେ ଆରୋହଣ କରାଯାଉ, ସବାରୀ କରାଯାଉ । କାରଣ ଜୀବକୁ ଚାରା ଦେବା ଦେବାରେ ଅର୍ଥ ଖର୍ଚ୍ଚ କରାଯାଇଥାଏ ଓ ସେହପିରି କ୍ଷୀର ଦେଉଥିବା ବନ୍ଧକ ଥିବା ଜୀବର କ୍ଷୀର ଦୁହାଯାଉ । କାରଣ ତା'ର ଚାରାରେ ମଧ୍ୟ ଅର୍ଥ ଖର୍ଚ୍ଚ କରାଯାଇଥାଏ ଓ ଯେଉଁ ବ୍ୟକ୍ତି ଜୀବ ଉପରେ ଆରୋହଣ ହୁଏ ଓ ଜୀବର କ୍ଷୀର ପାନ କରୁ, ତା'ର ଉପରେ ଯେଉଁ ଚାରାର ଖର୍ଚ୍ଚ ନ୍ୟସ୍ତ ହୋଇଥିବ ।

## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ

**ମନୁଷ୍ୟ ଉପରେ ବିପତ୍ତି ଏଇଥିପାଇଁ ଅବତୀର୍ଣ୍ଣ ହୋଇଥାଏ ଯେ, ସେ ଈଶ୍ୱରଙ୍କ ଠାରୁ ଦୂରେଇ ଯାଇ ଜୀବନ ଅତିବାହିତ କରିଥାଏ । ସେ ପ୍ରଭୁଙ୍କ ସମକ୍ଷରେ ଗର୍ବ ଏବଂ ଅହଂକାର ଓ ଘୃଷ୍ଟତା ପ୍ରଦର୍ଶନ କରିଥାଏ । ଅଲ୍ଲାଃତାଲାଙ୍କ ଆଦେଶାବଳୀକୁ ସମ୍ମାନ ଜଣାଇ ନଥାଏ ଓ ଏଥିପ୍ରତି ସେ ଭୃକ୍ଷେପ କରି ନଥାଏ ।**

ଆମେ ଜାଣୁ ଯେ, ଦୁଇଟି ବସ୍ତୁକୁ ପରସ୍ପର ମଧ୍ୟରେ ଘର୍ଷଣ କରିବା ଦ୍ୱାର ତାପ ସୃଷ୍ଟି ହୋଇଥାଏ । ସେହପିରି ମନୁଷ୍ୟ ସଂସାର ଓ ସାଂସାରକି ବସ୍ତୁ ପ୍ରତି ପ୍ରେମ (ମୋହ ଜନିତ)ର ଘର୍ଷଣ ଦ୍ୱାରା ତା' ମନରେ ଥିବା ଐଶୀ ପ୍ରେମ ଜଳପୋଡ଼ି ପାଉଁଶ ହୋଇଯାଇଥାଏ । ହୃଦୟ ଅନ୍ଧ ହୋଇ ଅଲ୍ଲାଃତାଲାଙ୍କ ଠାରୁ ଦୂର ହୋଇଯାଇଥାଏ ଏବଂ ପ୍ରତ୍ୟେକ ପ୍ରକାରର ବ୍ୟାକୁଳତାର ଶିକାର ହୋଇଯାଇଥାଏ । କିନ୍ତୁ ଯେତେବେଳେ ସଂସାରର ବସ୍ତୁମାନଙ୍କ ସହତି ଯେଉଁ ସଂପର୍କ ଥିବ ତାହା ଈଶ୍ୱରଙ୍କ ମଧ୍ୟରେ ରଙ୍ଗୀନ ହୋଇ ଏକ ସଂପର୍କ ହେବ ଓ ତାଙ୍କର ପ୍ରେମ ଈଶ୍ୱରଙ୍କ ପ୍ରେମରେ ହୋଇ ସେତେବେଳେ ପାରସ୍ପାରିକ ଘର୍ଷଣ ଦ୍ୱାରା ଗୈରୁଲ୍ଲାଃ (ଅଣଈଶ୍ୱରୀୟ) ପ୍ରେମ ଦଗ୍ଧୀଭୂତ ହୋଇଯାଇଥାଏ (ଜଳିଯାଇଥାଏ) । ତା' ସ୍ଥାନରେ ଏକ ଆଲୋକ ଏବଂ ରଶ୍ମୀ ଭର୍ତ୍ତି କରି ଦିଆଯାଇଥାଏ । ପୁନଶ୍ଚ ପ୍ରଭୁଙ୍କ ପ୍ରସନ୍ନତା ତଥା ଅନୁଗ୍ରହତା ତା'ର ଅନୁଗ୍ରହତା ଓ ତା'ର ପ୍ରସନ୍ନତା ପ୍ରଭୁଙ୍କର ପ୍ରସନ୍ନତାର ଇଚ୍ଛା ହୋଇଯାଇଥାଏ । ସେହି ଅବସ୍ଥାରେ ପହଞ୍ଚି ପ୍ରଭୁଙ୍କ ପ୍ରେମ ତା' ପାଇଁ ଜୀବନ ସଦୃଶ ହୋଇଯାଇଥାଏ । ଯେପରି ଜୀବନ ଧାରଣ ନମିନ୍ତେ ବସ୍ତୁ ଆବଶ୍ୟକ ଅଟେ, ଠକି୍ ସେ ହପିରି ବ୍ୟକ୍ତିର ଜୀବନ ନମିନ୍ତେ ପ୍ରଭୁ ଓ କେବଳ ପ୍ରଭୁଙ୍କର ହିଁ ଆବଶ୍ୟକତା ହୋଇଥାଏ । ଅନ୍ୟ ଅର୍ଥରେ ଏହା କୁହାଯାଇପାରେ ଯେ, ବ୍ୟକ୍ତିର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ଆନନ୍ଦ ଈଶ୍ୱରଙ୍କ ଠାରେ ହିଁ ନିହିତ ହୋଇଥାଏ । ପୁନଶ୍ଚ ସଂସାରବାସୀଙ୍କ ନିକଟରେ ଯଦି ତା'କୁ କୌଣସି ଦୁଃଖ କିମ୍ବା କଷ୍ଟ ପହଞ୍ଚି ତାହାହେଲେ ପହଞ୍ଚୁ । କିନ୍ତୁ ପ୍ରକୃତ କଥା ଏହା ହିଁ ଯେ, ଦୁଃଖ ଓ କଷ୍ଟରେ ମଧ୍ୟ ବ୍ୟକ୍ତି ସୁଖ ଓ ଶାନ୍ତି ସହତି ସେହି ଐଶୀ ଆନନ୍ଦ (ପରମାନନ୍ଦ) ପ୍ରାପ୍ତ କରିଥାଏ ଯାହାକି ଅନ୍ୟ ସାଂସାରିକ ଦୃଷ୍ଟିରେ ବଡ଼ ବଡ଼ ନିଶ୍ଚିନ୍ତ ବ୍ୟକ୍ତିଙ୍କୁ ମଧ୍ୟ ପ୍ରାପ୍ତ ହୋଇ ନଥାଏ ।

ଏହାର ବପିରୀତ ମନୁଷ୍ୟ ଓ ବ୍ୟକ୍ତିର ଯେଉଁ ଅବସ୍ଥା ରହଛି ତାହା ନର୍କ ଅଟେ । ଅର୍ଥାତ୍ ଅଲ୍ଲାଃତାଲାଙ୍କ ବ୍ୟତୀତ ଜୀବନ ଅତିବାହତି କରିବା ମଧ୍ୟ ନର୍କ ଅଟେ । ପୁନଶ୍ଚ ହଦିସ୍‌ରୁ ମଧ୍ୟ ଏହା ଜ୍ଞାତ ହୁଏ ଯେ, ତାପ ମଧ୍ୟ ନର୍କର ଅନ୍ୟତମ ଉତ୍ତାପ ଅଟେ । ମନୁଷ୍ୟକୁ ଯେଉଁ ବିବିଧ ପ୍ରକାରର ବ୍ୟାଧି ହୋଇଥାଏ ଏବଂ ମନୁଷ୍ୟ ଯେଉଁ ବପିତ୍ତିର ସମ୍ମୁଖୀନ ହୋଇଥାଏ ତାହା ଏହି ନର୍କର ହିଁ ଉଦାହରଣ ତଥା ପରିଣାମ ଅଟେ । ଏହା ଏଇଥିପାଇଁ ଯେ, ଅନ୍ୟ ବ୍ୟକ୍ତିମାନେ ଯେପରି ଏହାର ସାକ୍ଷ୍ୟ ହୁଅନ୍ତୁ ଏବଂ ଶାସ୍ତି ତଥା ପ୍ରତିଫଳ ଜନିତ ପ୍ରସଙ୍ଗର ବାସ୍ତବତା ନିମନ୍ତେ ପ୍ରମାଣ ହୁଅନ୍ତୁ ଓ କଫ୍ଫାରାହ୍ (ପ୍ରାୟଶ୍ଚିତ) ଭଳି ବାଯ୍ୟ ପ୍ରସଙ୍ଗକୁ ଖଣ୍ଡନ କରନ୍ତୁ । ଉଦାହରଣ ସ୍ୱରୂପ କୁଷ୍ଠକୁ ହିଁ ଧରି ନିଆଯାଉ । କୁଷ୍ଠ ବ୍ୟାଧି ହେବା ଦ୍ୱାରା ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ଅକର୍ମଣ୍ୟ ଅର୍ଥାତ୍ ଅକ୍ଷମ ହୋଇଯାଇଥାଏ ଏବଂ ଶରୀର (ଗୁପ୍ତାଙ୍ଗ ବା ଯୌନାଙ୍ଗ) ରୁ ଧାତୁ କ୍ଷୟ ହେଉଛି, ସ୍ୱର ବସିଯାଇଛି । ଅତଃ ଏହା ଏକ ନର୍କ ସଦୃଶ ଅଟେ । ସତୁରାଂ ଉକ୍ତ ରୋଗରେ ଯେତେବେଳେ ବ୍ୟକ୍ତି ପୀଡତି ହୁଏ ସେତେବେଳେ ଲୋକମାନେ ଘୃଣା କରନ୍ତି । ଆଁହଜରତ ସ.ଅଙ୍କ କଥନ ଅନୁଯାୟୀ ଅନୁମନୁଷ୍ୟ ଉପରେ ବପିତ୍ତି ଏଇଥିପାଇଁ ଅବତୀର୍ଣ୍ଣ ହୋଇଥାଏ ଯେ, ସେ ଈଶ୍ୱରଙ୍କ ଠାରୁ ଦୂରେଇ ଯାଇ ଜୀବନ ଅତିବାହତି କରିଥାଏ । ସେ ପ୍ରଭୁଙ୍କ ସମକ୍ଷରେ ଗର୍ବ ଏବଂ ଅହଂକାର ଓ ଘୃଷ୍ଟତା ପ୍ରଦର୍ଶନ କରିଥାଏ । ଅଲ୍ଲାଃତାଲାଙ୍କ ଆଦେଶାବଳୀକୁ ସମ୍ମାନ ଜଣାଇ ନଥାଏ ଓ ଏଥିପ୍ରତି ସେ ଆଦୌ ଭୃକ୍ଷେପ କରି ନଥାଏ ଏବଂ ଆତ୍ମୀୟ ସ୍ୱଜନମାନେ ସେମାନଙ୍କୁ ଛାଡ଼ି ଚାଲି ଯାଆନ୍ତି । ଆତ୍ମୀୟ ସ୍ୱଜନ, ବନ୍ଧୁ ପରିଜନମାନେ,

ପ୍ରିୟ ପତ୍ନି, ସନ୍ତାନମାନେ ଏବଂ ମାତାପିତାମାନେ ସମସ୍ତେ ଅଲଗା ହୋଇଯାଆନ୍ତି । କେତେକ ବ୍ୟକ୍ତିମାନେ ଅନ୍ଧ ଓ କାଲ(ଶ୍ରବଣହୀନ) ହୋଇଯାଆନ୍ତି । ତ' ଆଉ କେତେକ ଲୋକ ଭୟଙ୍କର ରୋଗରେ ପିଡ଼ୀତ ହୋଇଯାଆନ୍ତି । ଲୋକଙ୍କୁ ପେଟରେ ଷ୍ଟୋନ୍ (Kidney Stone) ଓ ରସୌଲି (Fibroids) (ବାତଗ୍ରସ୍ତ ପ୍ରଦାହ ବା ଟିସୁର ଅତିଶୟ ବୃଦ୍ଧି) ହୋଇଯାଇଥାଏ । ଏହି ସମସ୍ତ ବପିତ୍ତି ଏବଂ ବ୍ୟାଧି ମନୁଷ୍ୟ ଉପରେ ଏଇଥିପାଇଁ ଆସିଥାଏ ଯେ, ସେ ଈଶ୍ୱରଙ୍କ ଠାରୁ ଦୂରେଇ ଯାଇ ଜୀବନ ଅତିବାହିତ କରିଥାଏ ଏବଂ ସେପ୍ରଭୁଙ୍କ ସମକ୍ଷରେ ଘୃଷ୍ଟତା, ଗର୍ବ ଓ ଅହଂକାର ପ୍ରକାଶ କରିଥାଏ । ସେ ଅଲ୍ଲାଃତାଲାଙ୍କ କଥା(ଆଦେଶାବଳୀକୁ) ସମ୍ମାନ ଜଣାଏ ନାହିଁ ଏବଂ ଏଥିପ୍ରତି ସେ ଭୃକ୍ଷେପ ମଧ୍ୟ କରେ ନାହିଁ । ଠିକ୍ ସେହି ସମୟରେ ତା' ପାଇଁ ଜୀବନ ଅତି ଦୁର୍ବିସହ ହୋଇପଡ଼େ ଏବଂ ସେ ନର୍କ ଯନ୍ତ୍ରଣା ଭୋଗିଥାଏ ତଥା ତା' ପାଇଁ ନର୍କ ସୃଷ୍ଟି ହୋଇଥାଏ । **(ମଲ୍‌ଫୁଜାତ୍, ଭାଗ-1, ପୃ-503-504, ପ୍ରକାଶନ ସ୍ଥାନ-କାଦିଆନ୍ 2018 ମସିହା)**

☆☆ ☆

## ପବିତ୍ର କୁରଆନ୍ କରୀମରେ السَّاعَة ଶବ୍ଦଟି କେବଳ ଅନ୍ୟ ପ୍ରଳୟ ନିମନ୍ତେ ବ୍ୟବହୃତ ହୋଇ ନାହିଁ । ବରଂ ଅବତାରମାନଙ୍କ ଜମାଅତର ଉନ୍ନତି ଓ ଶତ୍ରୁମାନଙ୍କର ବିନାଶ ନିମନ୍ତେ ମଧ୍ୟ السَّاعَة ଶବ୍ଦଟି ବ୍ୟବହୃତ ହୋଇଛି

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ହଜ୍‌ର ଆୟତ୍ ନଂ 2 ଓ 3ର ବ୍ୟାଖ୍ୟା କରି କୁହନ୍ତି: "ନିଃସନ୍ଦେହ ଉକ୍ତ ଶବ୍ଦଟି زَلْزَلَةَ السَّاعَةِ ନିମନ୍ତେ ବ୍ୟବହୃତ ହୋଇଛି । ଏହାକୁ ଦେଖିବା ମାତ୍ରେ ଏହି ସନ୍ଦେହ ତଥା ଆଶଙ୍କ ସୃଷ୍ଟି ହୋଇପାରିବ ଯେ, ସମ୍ଭବତଃ ତହିଁରେ ଶେଷ ଦିବସର ସେହି ଶାସ୍ତି ବା ନର୍କ ଯନ୍ତ୍ରଣାର ଚର୍ଚ୍ଚା କରାଯାଇଛି ଯାହା ଅବଜ୍ଞକାରୀଙ୍କ ନିମନ୍ତେ ନିୟତିକୃତ ରହଛି । କିନ୍ତୁ ଏପରି କହିବା ଯୁକ୍ତିଯୁକ୍ତ ଓ ସମୀଚୀନ ହେବ ନାହିଁ । ପବିତ୍ର କୁରଆନ୍ କରୀମର ଅଧ୍ୟୟନ କଲେ ଏହା ଜ୍ଞାତ ହୁଏ ଯେ, ତହିଁରେ السَّاعَة" ଶବ୍ଦଟି ଅନ୍ୟ ପ୍ରଳୟ ନିମନ୍ତେ ବ୍ୟବହୃତ ହୋଇ ନାହିଁ ବରଂ ଅବତାରମାନଙ୍କର ଜମାଅତ୍‌ର ଉନ୍ନତି ଓ ସେମାନଙ୍କ ଶତ୍ରୁର ବିନାଶ ନିମନ୍ତେ ମଧ୍ୟ ଏହି السَّاعَة ଶବ୍ଦଟି ବ୍ୟବହୃତ ହୋଇଛି ।

ଇତିହାସରୁ ଜଣାପଡ଼େ ଯେ, ସୁଲହ୍ ହୁଦୈବିୟାହ୍ ପରେ ଯେତେବେଳେ ଚୁକ୍ତିର ବିରୁଦ୍ଧାଚରଣ କରି ମକ୍କାର କୁରୈଶ୍‌ମାନେ ବନୁ ବକର୍ ସହିତ ମିଶି ମୁସଲମାନମାନଙ୍କ ସହିତ କରିଥିବା ଚୁକ୍ତି ଅର୍ଥାତ ବନୁ ଖିଜାଅ ସଂପ୍ରଦାୟ ଉପରେ ଆକ୍ରମଣ କରିଦେଲେ ଓ ସେମାନଙ୍କର ଅନେକ ଲୋକମାନଙ୍କୁ ମାରି ପକାଇଲେ ସେତେବେଳେ ବନୁ ଖିଜାଅ ସଂପ୍ରଦାୟ ତୁରନ୍ତ 40 ଜଣ ଲୋକଙ୍କୁ ଓଟ ଉପରେ ବସାଇ ମଦିନାରେ ଉକ୍ତ ସର୍ତ୍ତ ଭଙ୍ଗର ସୂଚନା ପ୍ରଦାନ କରିବା ନିମନ୍ତେ ପ୍ରେରଣ କରିଦେଲେ ଓ ରସୁଲ୍ କରୀମ୍ ସ.ଅଙ୍କୁ ଏହି ଦାବି କଲେ ଯେ, ପାରସ୍ପାରିକ ଚୁକ୍ତି ଅନୁଯାୟୀ ବର୍ତ୍ତମାନ ଆପଣ ଆମର ପ୍ରତିଶୋଧ ନିଅନ୍ତୁ ଏବଂ ମକ୍କା ଉପରେ ଆକ୍ରମଣ କରି ଦିଅନ୍ତୁ । ଏହି ଯାତ୍ରୀସମୂହ ମଧ୍ୟ ମଦିନା ପହଞ୍ଚି ନଥିଲା କି ଅଲ୍ଲାଃତାଲା ପ୍ରକଟନ ଶୈଳୀରେ ରସୁଲ୍ କରୀମ୍ ସ.ଅଙ୍କୁ ମକ୍କାବାସୀଙ୍କୁ ଉକ୍ତ ସର୍ତ୍ତଭଙ୍ଗ ସଂକ୍ରାନ୍ତରେ ସୂଚନା ପ୍ରଦାନ କରିଦେଲେ ।

......ସେହି ସମୟରେ ରସୁଲ୍ କରୀମ୍ ସ.ଅ ମକ୍କା ଉପରେ ଆକ୍ରମଣ କରିବା ନିମନ୍ତେ 10 ହଜାର ସୈନ୍ୟ ପ୍ରସ୍ତୁତ କରିନେଲେ ଓ ରାସ୍ତା ପରେ ରାସ୍ତା ଅତିକ୍ରମ ରାତ୍ର ସମୟରେ ମକ୍କା ନିକଟରେ ଯାଇ ପହଞ୍ଚିଗଲେ। ଆପଣ ସ.ଅ ଏହି ଆଦେଶ ଦେଲେ ଯେ, ଶିବିର ସମ୍ମୁଖରେ ଅଗ୍ନି ପ୍ରଜ୍ୱଳିତ କରାଯାଉ । ଜଙ୍ଗଲରେ ରାତ୍ର ସମୟରେ 10 ହଜାର ଲୋକମାନଙ୍କର ଶିବିର ସମ୍ମୁଖରେ ପ୍ରଜ୍ୱଳିତ ଅଗ୍ନି ଅତ୍ୟନ୍ତ ଭୟଙ୍କର ଦୃଶ୍ୟ ଉପସ୍ଥାପିତ କରୁଥିଲା । କିନ୍ତୁ ଆପଣ ସ.ଅ ଉକ୍ତ ପ୍ରସ୍ତୁତିକୁ ଗୁପ୍ତ ରକିଥିଲେ । ଅତଃ ମକ୍କାବାସୀଙ୍କୁ ଉକ୍ତ କଥା ସଂକ୍ରାନ୍ତରେ କୌଣସି ଧାରଣା ନଥିଲା କି ଇସ୍‌ଲାମୀୟ ସୈନ୍ୟବାହିନୀ ସେମାନଙ୍କ ସମ୍ମୁଖରେ ଶିବିର ସ୍ଥାପନ କରି ବସିଛି ।

ଅବୁ ସୁଫିୟାନ୍ ନିଜର ସାଥିଙ୍କ ସହିତ ଯେତେ-ବେଳେ ମକ୍କାରୁ ବାହାରକୁ ବାହାରିଲା ସେତେବେଳେ ସେ ସମଗ୍ର ଜଙ୍ଗଲରେ ନିଆଁ ଲାଗିଥିବାର ଦେଖିଲା । ସେ ଆଶ୍ଚର୍ଯ୍ୟ ହେଲା ଯେ, ଏମାନେ କିଏ ? ସୁତରାଂ ଅବୁ ସୁଫିୟାନ୍ ନିଜର ସାଥିମାନଙ୍କୁ ପଚାରିଲା ଯେ, ଏ କ'ଣ ? କ'ଣ ଆକାଶରୁ କୌଣସି ସୈନ୍ୟବାହିନୀ ଅବତୀର୍ଣ୍ଣ ହୋଇଛି କି ? ସେମାନେ ବିଭିନ୍ନ ସଂପ୍ରଦାୟର ନାମ ନେଲେ । କିନ୍ତୁ ଅବୁ ସୁଫିୟାନ୍ ପ୍ରତ୍ୟେକ ନାମ ପରେ କହୁଥିଲା ଯେ, ଉକ୍ତ ସଂପ୍ରଦାୟର ଲୋକମାନେ ତ' ବହୁତ ସ୍ୱଳ୍ପ ଅଟନ୍ତି ଏବଂ ଏମାନଙ୍କର ସଂଖ୍ୟା ଅଧିକ ରହିଛି। ସେମାନେ ଏହି କଥା କହୁଥିଲେ କି ଅନ୍ଧାରରୁ ଏକ ସ୍ୱର ଶୁଭିଲା । ଅବୁ ହନ୍‌ଜଲା ! ଏହା ଅବୁ ସୁଫିୟାନ୍‌ର ଗୋତ୍ର ଥିଲା । ଅବୁ ସୁଫିୟାନ୍ ସ୍ୱରକୁ ଚିହ୍ନି ନେଲା ଏବଂ କହିଲା, ଅବ୍‌ବାସ୍ ! ତୁମେ କେଉଁଠି ? ହ. ଅବ୍‌ବାସ୍ ର.ଅ କହିଲେ, ସମ୍ମୁଖରେ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅଙ୍କର ସୈନ୍ୟବାହିନୀ ଛିଡ଼ା ହୋଇଛି । ତୁମେ ଯଦି ନିଜ ପ୍ରାଣର କୁଶଳତା ଚାହୁଁଛ ତାହାହେଲେ ଶୀଘ୍ର ମୋ ପଛରେ ବାହାନ ଉପରେ ବସିପଡ଼ । ଅନ୍ୟଥା ଉମର୍ ର.ଅ ମୋ ପଛେ ପଛେ ଆସୁଛନ୍ତି ଏବଂ ସେ ତୁମର ଖବର ନେବେ । ସୁତରାଂ ହ. ଅବ୍‌ବାସ୍ ର.ଅ ଯେକି ଅବୁ ସୁଫିୟାନର ଘନିଷ୍ଠ ବନ୍ଧୁ ଥିଲେ ତା'ର ହସ୍ତ ଧରିଲେ ଓ ଟାଣି ନିଜ ପଛରେ ବସାଇଦେଲେ ଏବଂ ବାହାନକୁ ଦୌଡ଼ାଇ ରସୁଲ୍ କରୀମ୍ ସ.ଅଙ୍କ ନିକଟରେ ପହଞ୍ଚିଲେ । ସେଠାରେ ପହଞ୍ଚିବା ମାତ୍ରେ ସେ ଅବୁ ସୁଫିୟାନ୍‌କୁ ରସୁଲ୍ କରୀମ୍ ସ.ଅଙ୍କ ପାଦ ତଳେ ଧକ୍କା ଦେଇ ପକାଇ ଦେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବୁ ସୁଫିୟାନ୍ ବୈଅତ୍ କରିବା ନିମନ୍ତେ ଉପସ୍ଥିତ ହୋଇଛି ।

.......ହ. ଅବ୍‌ବାସ୍ ର.ଅଙ୍କ ଚାପ ପକାଇବା ଦ୍ୱାରା ଏବଂ ଉପରୋକ୍ତ କାରଣ ଯୋଗୁଁ ଅବୁ ସୁଫିୟାନ୍‌ର ଦୁଇ ସାଥିମାନେ ମଧ୍ୟ ବୈଅତ୍ କରି ନେଇଥିଲେ ଓ ସେ ମଧ୍ୟ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଥିଲା । ପୁନଶ୍ଚ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମକ୍କାର ଲୋକମାନେ ଯଦି ଖଡ଼୍‌ଗ ଉତ୍ତୋଳନ ନକରନ୍ତି ତେବେ କ'ଣ ସେମାନେ ଶାନ୍ତିରେ ରହିବେ ? ଆପଣ ସ.ଅ କହିଲେ, ହଁ । ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜ ଗୃହର କବାଟ ବନ୍ଦ କରିନେବ ଓ ମୁକାବିଲା କରିବ ନାହିଁ ତା'କୁ ଶାନ୍ତି ପ୍ରଦାନ କରାଯିବ । ହ. ଅବ୍‌ବାସ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅବୁ ସୁଫିୟାନ୍ ନିଜ ପ୍ରତିଷ୍ଠା ତଥା ମର୍ଯ୍ୟାଦା ସଂପର୍କରେ ବେଶୀ ଚିନ୍ତିତ ଅଟେ । ତେଣୁ ତା'ର ସମ୍ମାନ ଏବଂ ପ୍ରତିଷ୍ଠାର ମଧ୍ୟ କିଛି ବନ୍ଦୋବସ୍ତ କରାଯାଉ । ଆପଣ କହିଲେ, ଆଚ୍ଛା ତାହାହେଲେ ଯେଉଁ ବ୍ୟକ୍ତି ଅବୁ ସୁଫିୟାନ୍ ଘରେ ପ୍ରବେଶ କରିବା ଓ ଆଶ୍ରୟ ନେବ ତା'କୁ ମଧ୍ୟ ଶାନ୍ତି ଓ ସୁରକ୍ଷା ପ୍ରଦାନ କରାଯିବ । ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମକ୍କାର ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଅବୁ ସୁଫିୟାନ୍‌ର ଘର ବହୁତ ଛୋଟ ଅଛି । ଆପଣ ସ.ଅ କହିଲେ, ଯେଉଁ ବ୍ୟକ୍ତି ହକିମ୍ ବିନ୍ ହିଜାମ୍‌ର ଘରେ ପ୍ରବେଶ କରିବ (ଆଶ୍ରୟ ନେବ) ତା'କୁ ମଧ୍ୟ ଶାନ୍ତି, ସୁରକ୍ଷା ଏବଂ ନିରାପତ୍ତା ପ୍ରଦାନ କରାଯିବ । ଯେଉଁ ବ୍ୟକ୍ତି ନିଜର ଅସ୍ତ୍ର ଫିଙ୍ଗିଦେବ ସେ ମଧ୍ୟ ନିରାପଦ ରହିବ । ଯେକେହି ଖାନା କାଆବାକୁ ଚାଲିଯିବ ତା'କୁ ମଧ୍ୟ ସୁରକ୍ଷା ପ୍ରଦାନ କରାଯିବ । ସେ କହିଲା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ ସ୍ଥାନ ମଧ୍ୟ ମକ୍କାର ଜନସଂଖ୍ୟା ଦୃଷ୍ଟିରୁ ପର୍ଯ୍ୟାପ୍ତ ନୁହେଁ । ଆପଣ ସ.ଅ କହିଲେ, ଆଚ୍ଛା ତାହାହେଲେ ତୁମେ ମୋ ନିକଟକୁ କିଛି କପଡ଼ା ଆଣ । ଯେତେବେଳେ କପଡ଼ା ଅଣାଗଲା ସେତେବେଳେ ଆପଣ ଉକ୍ତ କପଡ଼ାରୁ ଏକ ଧ୍ୱଜା ପ୍ରସ୍ତୁତ କଲେ ଓ ପୁନଶ୍ଚ ସେହି ଧ୍ୱଜା ଆପଣ ସ.ଅ ଜଣେ ସାହାବି ରୱୈହା ର.ଅଙ୍କୁ ପ୍ରଦାନ କଲେ। ହ. ରୱୈହା ର.ଅ ହ. ବିଲାଲ୍ ର.ଅଙ୍କ ଧରମ ଭାଇ ହୋଇଥିଲେ ଏବଂ କହିଲେ, ଏହା ହେଉଛି ବିଲାଲ୍ ର.ଅଙ୍କ ଧ୍ୱଜା ଯେକେହି ଉକ୍ତ ଧ୍ୱଜା ତଳେ ଚାଲି ଆସି ଛିଡ଼ା ହୋଇଯିବ ତା'କୁ କ୍ଷମା କରିଦିଆଯିବ ।

ଉକ୍ତ ଐତିହାସିକ ଘଟଣା ଏହା ସୂଚାଉଛି ଯେ, ଅବୁ ସୁଫିୟାନ୍ ଯେତେବେଳେ ମକ୍କାରେ ଯାଇ ଏହି ଘୋଷଣା କରିଥିବ ସେତେବେଳେ ଲୋକମାନେ କିପରି ପାଗଳଙ୍କ ପରି ନିଜ ନିଜ ଘର ଅଭିମୁଖେ, ଖାନା କାଆବା ଆଡ଼କୁ, ବିଲାଲ୍ ର.ଅଙ୍କ ଧ୍ୱଜା ଆଡ଼କୁ ଓ ଅବୁ ସୁଫିୟାନ ତଥା ହକିମ୍ ବିନ୍ ହିଜାମ୍‌ଙ୍କ ଘର ଆଡ଼କୁ ଧାଇଁଥିବେ । ସେମାନଙ୍କର ହୃଦୟ ଓ ପାଦ ସେହି ସମୟରେ କିପରି ପ୍ରକମ୍ପିତ ହୋଇ ଉଠିଥିବ ତଥା ସେମାନଙ୍କର ହୋଶ୍ ଉଡ଼ିଯାଇଥିବ ସେତେବେଳେ? ଇତ୍ୟବସରରେ ରସୁଲ୍ କରୀମ୍ ସ.ଅ ହ. ବିଲାଲ୍ ର.ଅଙ୍କର ଯେଉଁ ଧ୍ୱଜା ସୃଷ୍ଟି କଲେ ଏହା ଅତ୍ୟନ୍ତ ମୃଦୁଳ ପନ୍ଥା ଯେ, ମକ୍କାବାସୀଙ୍କୁ ତିରସ୍କୃତ କରିବା ଓ ବିଲାଲ୍ ର.ଅଙ୍କ ହୃଦୟଙ୍କୁ ପ୍ରସନ୍ନ କରିବାର ପନ୍ଥା ଥିଲା। ମକ୍କାବାସୀ ହ. ବିଲାଲ୍ ର.ଅଙ୍କୁ ଇସ୍‌ଲାମ୍ ଧର୍ମରେ ଦୀକ୍ଷିତ ହେବା ଯୋଗୁଁ ବର୍ଷ ବର୍ଷ ଧରି ମାଡ଼ ମାରିଥିଲେ । ସୁତରାଂ ରସୁଲ୍ କରୀମ୍ ସ.ଅଙ୍କ ହୃଦୟରେ ଏହି ଧାରଣା ଆସିଲା ଯେ, ହ. ବିଲାଲ୍ ର.ଅ ନିଜ ମନରେ କହିବେ କି ରସୁଲୁଲ୍ଲାଃ ସ.ଅ ତ' ନିଜ ଜାତିକୁ କ୍ଷମା କରିଦେଲେ କିନ୍ତୁ ମୋର ହୃଦୟ ଏବଂ ମନରେ ଲାଗିଥିବା କ୍ଷତ ଚିହ୍ନର କୌଣସି ପ୍ରତିଶୋଧ ନେଲେ ନାହିଁ । ସୁତରାଂ ଆପଣ ସ.ଅ ତାଙ୍କର ଧ୍ୱଜା ତିଆରି କରି ତାଙ୍କର ପାଳିତ ଭାଇ ହସ୍ତରେ ଦେଇ ଦେଲେ ଏବଂ କହିଲେ, ଯେକେହି ହ. ବିଲାଲ୍ ର.ଅଙ୍କ ଧ୍ୱଜା ତଳେ ଚାଲି ଆସି ଛିଡ଼ା ହୋଇଯିବ ତା'କୁ କ୍ଷମା ପ୍ରଦାନ କରିଦିଆଯିବ । **(ସିରତୁଲ୍ ହଲ୍‌ବିୟାହ୍, ଭାଗ-3, ପୃ-93)**

ସୁତରାଂ ଏହିପରି ଭାବରେ ଆପଣ ସ.ଅ ମୁହୂର୍ତ୍ତଙ୍କ ମଧ୍ୟରେ ହିଁ ନିଜ ହୃଦୟରେ ଥିବା ଅସୀମ ଦୟାର ପ୍ରମାଣ ମଧ୍ୟ ଉପସ୍ଥାପିତ କରିଦେଲେ ଏବଂ ହ. ବିଲାଲ୍ ର.ଅଙ୍କ କ୍ଷତ ଉପରେ ମଧ୍ୟ ଫାୟା (କପଡ଼ା ଉପରେ ମଲମ ରଖି ଘା ଉପରେ ଗୁଡ଼ାଇ ଦିଆଯାଏ) ମଧ୍ୟ ଲଗାଇ ଦେଲେ ।

اَللّٰھُمَّ صَلِّ عَلٰی مُحَمَّدٍ وَّ عَلٰی اٰلِ مُحَمَّدٍ وَ بَارِکْ وَ سَلِّمْ

**(ତଫ୍‌ସିର୍ କବିର, ଭାଗ-6, ପୃ-6, ପ୍ରକାଶନ ସ୍ଥାନ-କାଦିଆନ୍ 2010 ମସିହା)**

☆☆ ☆

# (ଖୁତ୍‌ବା ଜୁମା)

**ମକ୍କାରୁ ବାହାରିବା ପୂର୍ବରୁ କୁରୈଶ୍‌ମାନେ କାଆବାକୁ ଯାଇ ଦୁଆ କଲେ, "ହେ ଈଶ୍ୱର ! ଆମ ଦୁଇ ପକ୍ଷଙ୍କ ମଧ୍ୟରୁ ଯେଉଁ ପକ୍ଷ ସତ୍ୟ ଉପରେ ପ୍ରତିଷ୍ଠିତ ଓ ତୁମ୍ଭ ଦୃଷ୍ଟିରେ ସର୍ବାଧିକ ଶିଷ୍ଟ ତଥା ସର୍ବୋତ୍କୃଷ୍ଟ ତୁମ୍ଭେ ତାହାକୁ ସାହଯ୍ୟ କର ଓ ଅନ୍ୟକୁ ତିରସ୍କୃତ କରିଦିଅ ।"**

**ବଦର୍ ଯୁଦ୍ଧ ନିମନ୍ତେ ମକ୍କାର ଅବିଶ୍ୱସକାରୀଙ୍କର ଅତିରିକ୍ତ ବିବରଣୀ ତଥା ଇସ୍‌ଲାମୀୟ ସୈନ୍ୟବାହିନୀର ମଦିନାରୁ ପ୍ରସ୍ଥାନ ।**

**ମୁଁ ମୁହମ୍ମଦ୍ ସ.ଅଙ୍କ ଠାରୁ ଶୁଣିଅଛି ଯେ, ଆପଣ ସ.ଅ କହୁଥିଲେ ଯେ, ସେ ତୁମକୁ ଉମୈୟାହ୍ ବିନ୍ ଖଲଫଙ୍କୁ ବଧ କରିବେ ।**

---

**ପ୍ରାରମ୍ଭିକ ଅବସ୍ଥାରେ ମକ୍କାର ସୈନ୍ୟବାହିନୀର ସଂଖ୍ୟା 1300 ଥିଲା । କିନ୍ତୁ ବନୁ ଜୁହରା ଓ ବନୁ ଅଦିର ଲୋକମାନେ ମାର୍ଗରେ ସେହି ସୈନ୍ୟବାହିନୀ ଠାରୁ ପୃଥକ୍ ହୋଇଯାଇଥିଲେ । ଏହିପରି କୁରୈଶ୍‌ମାନଙ୍କର ସୈନ୍ୟବାହିନୀର ସଂଖ୍ୟା 950 କିମ୍ବା ଅନ୍ୟ ଏକ ବର୍ଣ୍ଣାନୁଯାୟୀ 1000 ରହିଯାଇଥିଲା । ଅଧିକାଂଶ ବର୍ଣ୍ଣନାରେ ମୁସଲମାନମାନଙ୍କର ସଂଖ୍ୟା 1300 ବର୍ଣ୍ଣନା ହୋଇଥିଲା ।**

---

**ଆଁହଜରତ ସ.ଅ ନିଜର ସାହାବାମାନଙ୍କ ସକାଶେ ଏହି ପ୍ରାର୍ଥନା କଲେ ଯେ, ହେ ଅଲ୍ଲାଃ ! ଏମାନେ ଖାଲି ପାଦ ଅଟନ୍ତି ତେଣୁ ତୁମ୍ଭେ ସେମାନଙ୍କୁ ବାହାନ ପ୍ରଦାନ କର, ଏମାନେ ଫୁଙ୍ଗୁଳା ଶରୀର ଅଟନ୍ତି ଏମାନଙ୍କୁ ବସ୍ତ୍ର ପ୍ରଦାନ କର, ଏମାନେ କ୍ଷୁଧାତୁର (ଭୋକିଲା) ଅଟନ୍ତି ଏମାନଙ୍କର କ୍ଷୁଧା ମେଣ୍ଟାଇ ଦିଅ, ଏମାନେ ଅଭାବି ଅଟନ୍ତି ଏମାନଙ୍କୁ ନିଜ କୃପାରୁ ଧନବାନ୍ କରିଦିଅ, ସୁତରାଂ ଏହି ଦୁଆ ସ୍ୱୀକୃତ ହୋଇଗଲା ବଦର୍ ଯୁଦ୍ଧରୁ ଫେରନ୍ତା ବ୍ୟକ୍ତିମାନଙ୍କ ମଧ୍ୟରୁ ଏପରି କୌଣସି ବ୍ୟକ୍ତି ନଥିଲା ଯେକି ବାହାନ ଉପରେ ସବାର ହୋଇ ଯିବାକୁ ଇଚ୍ଛୁକ ଥିଲା ଏବଂ ତା'କୁ ଗୋଟିଏ ଦୁଇଟି ଏପରି ଓଟ ମିଳି ନଥିବ ଯାହାକୁ ସେ ବ୍ୟବହାର କରିପାରିବ । ସେହିପରି ଯେଉଁ ସାହାବାମାନଙ୍କ ନିକଟରେ ପରିଧାନ କରିବା ନିମନ୍ତେ ବସ୍ତ୍ର ନଥିଲା ସେମାନଙ୍କୁ ବସ୍ତ୍ର ପ୍ରାପ୍ତ ହେଲା ଏବଂ ଏତେ ଖାଦ୍ୟ ସାମଗ୍ରୀ ପ୍ରାପ୍ତ ହେଲା ଯେ, ଖାଦ୍ୟ ପାନୀୟର କୌଣସି ଅଭାବ ରହିଲା ନାହିଁ । ଏହିପରି ଯୁଦ୍ଧରେ ବନ୍ଦୀ ହୋଇଥିବା କଏଦୀମାନଙ୍କୁ ମୁକ୍ତ କରି ଏତେ କ୍ଷତିପୂରଣ ପ୍ରାପ୍ତ ହେଲା କି ପ୍ରତ୍ୟେକ ବଂଶର ଲୋକମାନେ ଧନବାନ୍ ହୋଇଗଲେ ।**

---

**ୟୁ.କେର ସମ୍ମାନନୀୟ ଶେଖ୍ ଗୁଲାମ୍ ରହମାନୀ ସାହେବଙ୍କ ଯନାଜାଃ ହାଜିର୍ ଓ ସେହିପରି ମେହଦୀଆବାଦ୍‌ର ତାହିର୍ ଆଗ୍ ମୁହମ୍ମଦ୍ ସାହେବ, ଡୋରି ବୁର୍କିନାଫାସୋର ସମ୍ମାନନୀୟ ଖ୍ୱାଜା ଦାଉଦ୍ ଅହେମଦ ସାହେବ, କାନାଡ଼ାର ସମ୍ମାନନୀୟ ତନ୍‌ୱୀର ଶାହ୍ ସାହେବ ଓ ସମ୍ମାନନୀୟ ରାନା ମୁହମ୍ମଦ ଜଫ୍ରୁଲ୍ଲାଃ ଖାନ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍**

---

**ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଆ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 16 June 2023 ମସିହା ଅନୁଯାୟୀ ୧୬ ଇହସାନ୍ /୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّاكَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ: ମକ୍କାର ଅବଜ୍ଞାକାରୀ ମାନଙ୍କର ଯୁଦ୍ଧ ପ୍ରସ୍ତୁତିର କେତେକ ଅବସ୍ଥା ବର୍ଣ୍ଣିତ ଗହଇଥିଲା । ସେହି କ୍ରମରେ ଏହାର ଅତିରିକ୍ତ ବିବରଣୀ ଏହିପରି ଅଟେ । ଉମୈୟା ବିନ୍ ଖଲଫ୍ ନାମକ ଜଣେ ବ୍ୟକ୍ତି ଥିଲା ଓ ଅବୁ ଲହବ୍ ନାମକ ଅନ୍ୟ ଜଣେ ବ୍ୟକ୍ତି ଥିଲା । ଯୁଦ୍ଧକୁ ଯିବା ନିମନ୍ତେ ଯେତେବେଳେ ପ୍ରସ୍ତୁ ଚାଲିଥିଲା ସେତେବେଳେ ଏମାନେ ଦୁହେଁ ଯୁଦ୍ଧକୁ ଯିବା ନିମନ୍ତେ ଟାଳଟୁଳ କଲେ । ଏହାର ବିସ୍ତୃତ ବିବରଣୀରେ ଏହା ଉଲ୍ଲେଖ ରହିଛି ଯେ, କୁରୈଶୀୟ ଅଧିପତି ପ୍ରତ୍ୟେକ ବ୍ୟକ୍ତିକୁ ଉକ୍ତ ଯୁଦ୍ଧରେ ଯିବା ଆଶା କରୁଥିଲେ ଏବଂ କହୁଥିଲେ । କିନ୍ତୁ ଉମୈୟାହ୍ ବିନ୍ ଖଲ୍‌ଫ ଯୁଦ୍ଧରେ ଯିବାରୁ ଟାଳଟୁଳ କରୁଥିଲା ।

ମକ୍କାର ଜଣେ ଅଧିପତି ଉକ୍‌ବା ବିନ୍ ମୁଐତ୍ ଉମୈୟାହ୍ ପାଖକୁ ଆସିଲା ଓ ତା' ନିକଟରେ ସୁଗନ୍ଧ ପାତ୍ର ଏବଂ ଧୂନି ରଖି କହିଲା, ଅବୁ ଅଲୀ ! ତୁମେ ମହିଳାମାନଙ୍କ ସୁଗନ୍ଧର ଏହି ଧୂନିକୁ ନିଅ । ତୁମେ ମଧ ମହିଳାମାନଙ୍କ ମଧ୍ୟରୁ ଅନ୍ୟତମ ଅଟ। ଯୁଦ୍ଧ ସହିତ ତୁମର କି ବା ସଂପର୍କ ? **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-22, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-1993 ମସିହା)**

ଅନ୍ୟ ଏକ ବର୍ଣ୍ଣନାନୁଯାୟୀ ଅବୁ ଜହଲ୍ ଉମୈୟାହ୍ ନିକଟକୁ ଆସିଲା ଓ କହିଲା, ତୁମେ ମକ୍କାର ଅଧିପତି ଓ ସମ୍ମାନିତ ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଅଟ। ଲୋକମାନେ ଯଦି ତୁମକୁ ଯୁଦ୍ଧରୁ ପଛଘୁଞ୍ଚା ଦେଉଥିବାର ଦେଖିନେଲେ ତେବେ ସେମାନେ ମଧ ଅଟକିଯିବେ । ଅତଃ ତୁମେ ଆମ ସହିତ ଗୋଟିଏ ଦୁଇ ମାଇଲ୍ ଦୂରତା ପର୍ଯ୍ୟନ୍ତ ଅବଶ୍ୟ ଚାଲ । ଏହାପରେ ତୁମେ ଫେରି ଆସିବ । ପ୍ରକୃତରେ ଉମୈୟାହ୍ ବିନ୍ ଖଲଫ୍ ଯୁଦ୍ଧକୁ ଯିବା ନିମନ୍ତେ ଏଇଥିପାଇଁ ଭୟ କରୁଥିଲା ଯେ, ଆଁହଜରତ ସ.ଅ ତା'ର ସଂହାର ନିମନ୍ତେ ଏକ ଭବିଷ୍ୟବାଣୀ କରିଥିଲେ ଓ ସେ ସେହି ଭବିଷ୍ୟବାଣୀ ତା'କୁ ମନେଥିଲା । ସୁତରାଂ ବୁଖାରୀରେ ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ସାଆଦ୍ ବିନ୍ ମୁଆଜ୍ ର.ଅ ଉମ୍ରାହ୍ କରିବା ଉଦ୍ଦେଶ୍ୟରେ ଗଲେ ଓ ଉମୈୟାହ୍ ବିନ୍ ଖଲ୍‌ଫ ନିକଟରେ ଅବତୀର୍ଣ୍ଣ ହେଲେ। ତା' ସହିତ ବହୁତ ପୁରୁଣା ସଂପର୍କ ରହିଥିଲା ତାଙ୍କର । ଉମୈୟାହ୍‌ର ଅଭ୍ୟାସ ଥିଲା ଯେ, ସେ ଯେତେବେଳେ ସିରୀୟା ଅଭିମୁଖେ ଯାଉଥିଲା ଓ ମଦିନା ଦେଇ ଅତିକ୍ରମ କରୁଥିଲା ସେତେବେଳେ ହ. ସାଆଦ୍ ର.ଅଙ୍କ ନିକଟରେ କିଛି ସମୟ ପାଇଁ ଅଟକି ଯାଉଥିଲା (ଅର୍ଥାତ ଆତିଥ୍ୟତା ସ୍ୱୀକାର କରୁଥିଲା) । ଉମୈୟାହ୍ ହ. ସାଆଦ୍ ର.ଅଙ୍କୁ କହିଲା, ତୁମେ ବର୍ତ୍ତମାନ ଟିକିଏ ଅପେକ୍ଷା କରେ । ଯେତେବେଳେ ଦ୍ୱିପ୍ରହର ହେଲା ଓ ଲୋକମାନେ ଅବଚେତନ ହୋଇଯିବେ ସେତେବେଳେ ତୁମେ ଯାଇ ପରିକ୍ରମା କରିନେବ । ମୁସଲମାନମାନଙ୍କର ବିରୋଧ ଯୋଗୁଁ ଏହି ସତର୍କତା ଅବଲମ୍ବନ କରାଯାଇଥିଲା। ଦ୍ୱିପ୍ରହର ଯେତେବେଳେ ହେଲା ସେତେବେଳେ ହ. ସାଆଦ୍ ର.ଅ ପରିକ୍ରମା ଆରମ୍ଭ କଲେ । ସେହି ପରିକ୍ରମା ସମୟରେ ସେ ଏହା ଅବଲୋକନ କଲେ ଯେ, ଅବୁ ଜହଲ୍ ଛିଡ଼ା ହୋଇଛି । ଅବୁ ଜହଲ୍ କହାବାକୁ ଲାଗିଲା ଏ ବ୍ୟକ୍ତି କିଏ ଯିଏ କାଆବାର ପରିକ୍ରମା କରୁଛି ? ହ. ସାଆଦ୍ ର.ଅ କହିଲେ, ମୁଁ ସାଆଦ୍ ଅଟେ । ଅବୁ ଜହଲ୍ କହିଲା, ହେ ସାଆଦ୍ ! କ'ଣ ତୁମେ ଶାନ୍ତିପୂର୍ଣ୍ଣ ଭାବରେ କାଆବାର ପରିକ୍ରମା କରିବାକୁ ଚାହୁଁଛ କି ? କିନ୍ତୁ ତୁମେ ମୁହମ୍ମଦ୍ ସ.ଅ ଓ ତା'ର ସାଥିମାନଙ୍କୁ ଆଶ୍ରୟ ପ୍ରଦାନ କରିଛ । ହ. ସାଆଦ୍ ର.ଅ କହିଲେ, ହଁ । ତେବେ ଦୁହେଁ ଦୁହିଁଙ୍କୁ ବ୍ୟଙ୍ଗ ବିଦ୍ରୂପ କରିବାକୁ ଲାଗିଲେ । ଅର୍ଥାତ୍ ଅବୁ ଜହଲ୍ ହ. ସାଆଦ୍ ର.ଅଙ୍କୁ ଚ୍ୟାଲେଞ୍ଜ୍ ଦେଲା କି ତୁମେ କିପରି ପରିକ୍ରମା କରିନେବ ମୁଁ ବି ଦେଖିନେବି । ତୁମେ ତ' ଆଁହଜରତ ସ.ଅଙ୍କୁ ଆଶ୍ରୟ ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଅନ୍ୟତମ ଅଟ । ସେ ଯାହା ହେଉ ସେ କହିଲେ ହଁ । ମୁଁ ଆଶ୍ରୟ ଦେଇଛି ଓ ପରିକ୍ରମା ମଧ କରିବି । ସୁତରାଂ ଦୁହିଁଙ୍କ ମଧ୍ୟରେ ବର୍ଚସ୍ୱା ତଥା ବିବାଦ ଆରମ୍ଭ ହୋଇଗଲା । ଉମୈୟାହ୍ ର.ଅ ସାଆଦ୍ ର.ଅଙ୍କୁ କହିଲା କି ହେ ସାଆଦ୍! ଅବୁଲ୍ ହକମ୍ (ଏହା ଅବୁ ଜହଲ୍‌ର ଉପାଧି ତଥା ଗୋତ୍ର ଥିଲା) ତୁମେ ନିଜର ସ୍ୱରକୁ ଉଚ୍ଚ କର ନାହିଁ । କାରଣ ସେ ଉପତ୍ୟକାବାସୀ (ଅର୍ଥାତ୍ ମକ୍କାବାସୀଙ୍କର)

ଅଧିପତି ଅଟେ । ହ. ସାଆଦ୍ ର.ଅ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯଦି ତୁମେ ମୋତେ ବୈତୁଲ୍ଲାଃ (ଖାନା କାଆବା)ର ପରିକ୍ରମା କରିବାରେ ବାଧା ସୃଷ୍ଟି କର ତେବେ ମୁଁ ଏହାଠୁ ଅଧିକ ବାଧା ସୃଷ୍ଟି କରିବି । ଅର୍ଥାତ୍ ତୁମମାନଙ୍କର ଯେଉଁ ବାଣିଜ୍ୟିକ ମାର୍ଗ ଯାହା ମଦିନା ମଧ୍ୟ ଦେଇ ଅତିକ୍ରମ କରୁଛି। ଅର୍ଥାତ୍ ସିରୀୟାର ବାଣିଜ୍ୟିକ ମାର୍ଗ ତାହାକୁ ବନ୍ଦ କରିଦେବି । ହ. ଅବ୍ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ କୁହନ୍ତି, ଉମୈୟାହ ର. ସାଆଦ୍ ର.ଅଙ୍କୁ ଏହା ହିଁ କହୁଥିଲା ଯେ, ନିଜର ସ୍ୱରକୁ ଉଚ୍ଚ କର ନାହିଁ ଏବଂ ସେ ଆପଣ ର.ଅଙ୍କୁ ଅଟକାଇବାକୁ ଖୁବ୍ ଚେଷ୍ଟା କଲା । ହ. ସାଆଦ୍ ର.ଅ କ୍ରୋଧାନ୍ୱିତ ହୋଇ ଉମୈୟାହ୍‌କୁ କହିବାକୁ ଲାଗିଲେ, ହେ ଉମୈୟାହ୍ ! ତୁମେ ଛାଡ଼ ଛାଡ଼ ଓ ଅବୁ ଜହଲ୍‌ର ଆଉ ସମର୍ଥନ କର ନାହିଁ ।

ମୁଁ ମୁହମ୍ମଦ୍ ସ.ଅଙ୍କ ଠାରୁ ଶୁଣି ଶୁଣିଛି, ଆପଣ ସ.ଅ କହୁଥିଲେ ଯେ, ସେ ତୁମର ବଧ କରିଦେବେ । ଅର୍ଥାତ୍ ତୁମ ସଂହାର ହେବାର ଭବିଷ୍ୟବାଣୀ କରିଛନ୍ତି। ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସେହି ଲୋକମାନେ ଅର୍ଥାତ୍ ମୁହମ୍ମଦ୍ ସ.ଅଙ୍କର ସାଥିମାନେ ତୁମର ସଂହାର କରିବାକୁ ଯାଉଛନ୍ତି । ଉମୈୟାହ୍ କହିଲା, କ'ଣ ମୋତେ ବି ? ହ. ସାଆଦ୍ ର.ଅ କହିଲେ, ହଁ ତୋତେ ବି । ପୁନଶ୍ଚ ଉମୈୟାହ୍ କହିଲା, କ'ଣ ମକ୍କାରେ ? ହ. ସାଆଦ୍ ର.ଅ କହିଲେ ମୁଁ ଏସଂପର୍କରେ କହି ପାରିବି ନାହିଁ । ଅର୍ଥାତ୍ ମକ୍କାରେ ଅବା ଅନ୍ୟ ସ୍ଥାନରେ, ମୁଁ ସେସଂପର୍କରେ କିଛି ଜାଣି ନାହିଁ । ଏହା ଶୁଣି ଉମୈୟାହ୍ କହିଲା, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ମୁଁହମ୍ମଦ୍ ସ.ଅ ଯେତେବେଳେ କୌଣସି କଥା କୁହନ୍ତି ସେତେବେଳେ ସେ ଅସତ୍ୟ କଥା କୁହନ୍ତି ନାହିଁ । ପୁନଶ୍ଚ ଏହାପରେ ସେ ନିଜର ପତ୍ନି ପାଖକୁ ଫେରିଲା ଓ କହିବାକୁ ଲାଗିଲା ଯେ, କ'ଣ ତୁମେ ଜାଣିଛ ଯେ, ମୋର ୟସ୍ରବୀୟ (ମଦିନାର) ଜଣେ ଭାଇ ମୋତେ କ'ଣ କହିଛି ? ସେ (ପତ୍ନି) ପଚାରିଲା ତୁମର ୟସ୍ରବୀୟ ଭାଇ କ'ଣ କହିଲା ? ଉମୈୟାହ୍ କହିଲା, ୟସ୍ରବୀୟ ଭାଇ କହିଲା, ସେ ମୁହମ୍ମଦ୍ ସ.ଅଙ୍କ ଠାରୁ ଶୁଣିଛି ଯେ, ସେ କୁହନ୍ତି ଯେ, ସେ ମୋର ବଧ କରିଦେବେ । ତା'ର ପତ୍ନି କହିଲା, ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ମୁହମ୍ମଦ୍ ସ.ଅ ତ' ଅସତ୍ୟ କଥା କୁହନ୍ତି ନାହିଁ । ଏହା ହେଉଛି ସେହି ଭବିଷ୍ୟବାଣୀ ଯେଉଁ ଭବିଷ୍ୟବାଣୀ ଯୋଗୁଁ ଉମୈୟାହ୍ ଭୟଭୀତ ଥିଲା ଏବଂ ମୁସଲମାନଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ଯିବାକୁ ଚାହୁଁ ନଥିଲା । ହ. ଅବ୍ଦୁଲ୍ଲାଃ ଇବ୍‌ନେ ମସ୍‌ଉଦ୍ ର.ଅ କୁହନ୍ତି ଯେ, ସେ ଯେତେବେଳେ ବଦର୍ ଅଭିମୁଖେ ବାହାରିଲେ ଓ ସହାଯ୍ୟ ଲୋଡ଼ିବା ନିମନ୍ତେ ମାଗିଲା ବାଲା ଆସିଲା ସେତେବେଳେ ଉମୈୟାଙ୍କ ପତ୍ନି ତାଙ୍କୁ କହିଲେ, ପତିଦେବ ! କ'ଣ ଆପଣଙ୍କୁ ସେହି କଥା ସ୍ମରଣ ନାହିଁ କି ତୁମର ୟସ୍ରବୀୟ ବନ୍ଧୁ ତୁମକୁ କ'ଣ କହିଥିଲା ? ଉମୈୟାହ୍ ଚାହିଁଲା କି ସେ ଘରୁ ନ ବାହାରୁ । କିନ୍ତୁ ଅବୁ ଜହଲ୍ ତା'କୁ କହିଲା, ହେ ଉମୈୟାହ୍ ! ତୁମେ ଉକ୍ତ ଉପତ୍ୟକାର ଅଧିପତିଙ୍କ ମଧ୍ୟରୁ ଅନ୍ୟତମ ଅଟ । ତୁମେ ଦିନେ ଦୁଇ ଦିନ ପାଇଁ ସାଙ୍ଗରେ ଚାଲ । ସୁତରାଂ ସେ ଅବୁ ଜହଲ୍ ସହିତ ଦୁଇ ଦିନ ପାଇଁ ଚାଲିଗଲା ଏବଂ ଅଲ୍ଲାଃତାଲା ତା'କୁ ବଧ କରିଦେଲେ । **(ସହିହୁଲ୍ ବୁଖାରୀ, କିତାବୁଲ୍ ମନାକିବ୍, ବାବ୍ ଅଲାମାତୁନ୍ ନୁବୁଓ୍ୱତା ଫିଲ୍ ଇସ୍‌ଲାମି, ହଦିସ୍ ନଂ-3632) (ସହିହୁଲ୍ ବୁଖାରୀ, କିତାବଲୁ ମୁଗାଜି, ବାବ୍- ଜିକ୍ରୁନ୍ ନବୀ ସ.ଅ ମଇଁ ୟୁକ୍‌ତଲ୍ ବିବଦ୍ରି, ହଦିସ୍ ନଂ-3950)**

କେତେକ ଜୀବନୀକାରମାନେ ଏହି ବିନ୍ଦୁ ମଧ୍ୟ ଉତ୍ଥାପିତ କରିଛନ୍ତି ଯେ, ଆଁହଜରତ ସ.ଅ କହିଥିଲେ ଯେ, ଆଁହଜରତ ସ.ଅ ତା'କୁ ବଧ କରିବେ । ଅପର ପକ୍ଷେ ଆପଣ ସ.ଅ ତା'କୁ ବଧ କରି ନଥିଲେ । ବ୍ୟାଖ୍ୟାକାରୀମାନେ ଏହା କୁହନ୍ତି ଯେ, କହିବାର ତାତ୍ପର୍ଯ୍ୟ ଏହା ରହିଥିଲା ଯେ, ଆପଣ ସ.ଅ ତା'(ଉମୈୟାହ୍‌ର) ହତ୍ୟାର କାରଣ ସାଜିବେ ନାହିଁ । ଅନ୍ୟଥା ଆଁହଜରତ ସ.ଅ ଉମୈୟାହ୍ ବିନ୍ ଖଲ୍‌ଫ୍‌ର ଭାଇ ଉବୈ ବିନ୍ ଖଲ୍‌ଫ୍ ବ୍ୟତୀତ ଅନ୍ୟ କାହାରି ସଂହାର କରି ନଥିଲେ । ଉମୈୟାହ୍ ବିନ୍ ଖଲ୍‌ଫ୍‌କୁ ଆଁହଜରତ ସ.ଅ ଓ୍ୱହୋଦ୍ ଯୁଦ୍ଧରେ ବଧ କରିଥିଲେ । ବ୍ୟାଖ୍ୟାକାରୀମାନେ ହିଁ କୁହନ୍ତି ଯେ, ହ. ସାଆଦ୍ ର.ଅ ଉମୈୟାହ୍‌କୁ ଏହା କହିଥିବେ ଯେ, ମୁହମ୍ମଦ୍ ସ.ଅଙ୍କ ସାଥି ତୁମର ବଧ କରିଦେବେ । କାରଣ ଯେପରିକି ପୂର୍ବେ ବର୍ଣ୍ଣିତ ହୋଇ ସାରିଛି । ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ କିମ୍ବା ଆପଣ ସ.ଅଙ୍କ ସାଥି ବଧ କରିବେ । **(ଗଜ୍‌ଓ୍ୱାତୁନ୍ ନବି ସ.ଅ, ଲେଖକ-ଅଲ୍ଲାମା ଅଲୀ ବିନ୍ ବୁରହାନୁଦ୍ଦୀନ୍ ହଲବି, ଅନୁବଦାକ, ପୃ-70, ଦାରୁଲ୍ ଇଶାଅଲ୍ କରାଚୀ-2001 ମସିହା)** ସେ ଯାହା ହେଉ ଏହି ବଧ ହେଲା ଓ ତହିଁରେ ବିତର୍କ କରିବାର କୌଣସି ଆବଶ୍ୟକତା ନାହିଁ ଯେ, କିଏ ବଧ କଲା ? ଏହି ଭବିଷ୍ୟବାଣୀ ଥିଲା ଯାହାକି ସଂପୂର୍ଣ୍ଣ ହୋଇଥିଲା ।

ଏହିପରି ଭାବରେ ଅବୁ ଲହବ୍ ମଧ୍ୟ ଯୁଦ୍ଧକୁ ଯିବା ପାଇଁ ଭୟଭୀତ ହେଉଥିଲା। ତେଣୁ ସେ ଯୁଦ୍ଧକୁ ନଯାଇ ନିଜ ସ୍ଥାନରେ ଅନ୍ୟ ବ୍ୟକ୍ତିକୁ ପ୍ରେରଣ କରିଥିଲା । ତା'ର ଯୁଦ୍ଧକୁ ନଯିବାର କାରଣ ଆତିକା ବିନ୍‌ତ୍ ଅବ୍ଦୁଲ୍ ମୁତଲ୍ଲିବଙ୍କ ସ୍ୱପ୍ନ ଥିଲା। ସେ କହୁଥିଲା ଯେ, ଆତିକାର ସ୍ୱପ୍ନ ଏହିପରି ଅଟେ ଯେପରି କୌଣସି ବସ୍ତୁ ହାତରୁ ଛଡ଼ାଇ ନିଆଯାଇଥାଏ । ଅର୍ଥାତ୍ ନିସନ୍ଦେହାତ୍ମକ କଥା । **(ସବ୍‌ଲୁଲ୍ ହୁଦା ଓ୍ୱର୍ ରଶ୍ଶାଦ୍, ଭାଗ-4, ପୃ-21, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1993 ମସିହା)**

ହ. ମିର୍ଜା ବଶୀର୍ ଅହେମଦ୍ ସାହେବ ଉକ୍ତ ଘଟଣାର ଏହିପରି ବ୍ୟାଖ୍ୟା କରିଛନ୍ତି ଯେ, "କେବଳ ଦୁଇ ଜଣ ବ୍ୟକ୍ତି ଉକ୍ତ ଅଭିଯାନରେ ଅଂଶଗ୍ରହଣ କରିବାରୁ ଟାଳଟୁଳ କରିଥିଲେ । ସେମାନେ ହେଲେ, ଅବୁ ଲହବ୍ ଓ ଉମୈୟାହ୍ ବିନ୍ ଖଲଫ୍ । କିନ୍ତୁ ସେମାନଙ୍କ ଟାଳଟୁଳ ଏବଂ ଶଙ୍କୋଚବୋଧ ଯୋଗୁଁ ମଧ୍ୟ ମୁସଲମାନମାନଙ୍କର ସହାନୁଭୂତି ନଥିଲା । ବରଂ ଅବୁ ଲହବ୍ ନିଜର ଭଉଣୀ ଆତିକା ବିନତ୍ ଅବ୍ଦୁଲ୍ ମୁତଲ୍ଲିବ୍‌ର ସ୍ୱପ୍ନ ଯୋଗୁଁ ଭୟ କରୁଥିଲା । ଅବୁ ଲହବ୍ ଜମ୍‌ଜମ୍ ଆସିବାର ତିନି ଦିନ ପୂର୍ବେ କୁରୈଶ୍‌ର ବିନାଶ ସଂପର୍କରେ ଦେଖିଥିଲା ଓ ଉମୈୟାହ୍ ବିନ୍ ଖଲ୍‌ଫ୍ ଆଁହଜରତ ସ.ଅଙ୍କ ଦ୍ୱାରା କରାଯାଇଥିବା ସେହି ଭବିଷ୍ୟବାଣୀ ଯୋଗୁଁ ହିଁ ଭୟଭୀତ ଥିଲା ଅର୍ଥାତ୍ ଆଁହଜରତ୍ ସ.ଅ ତା'ର ବଧ ହେବା ସଂପର୍କରେ ଭବିଷ୍ୟବାଣୀ କରିଥିଲେ । ତତ୍‌ସଂପର୍କରେ ସେ ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ଠାରୁ ମକ୍କାରେ ଜାଣିବାକୁ ପାଇଥିଲା । କିନ୍ତୁ ଏହି ଦୁଇ ଜଣ ବିଖ୍ୟାତ ଅଧିପତିଙ୍କର ଯୁଦ୍ଧରୁ ଦୂରେଇ ରହିଯିବା ସାଧାରଣ ଅବଜ୍ଞକାରୀଙ୍କ ଉପରେ କୁପ୍ରଭାବ ପଡ଼ିବାର ଆଶଙ୍କା ରହିଥିଲା । ଅତଃ କୁରୈଶ୍‌ର ଅନ୍ୟ ଅଧିପତିମାନେ ସେମାନଙ୍କୁ ଉସ୍‌କାଇ ଏବଂ ସେମାନଙ୍କର ସ୍ୱାଭାମାନଙ୍କୁ ଆନ୍ଦୋଳିତ କଲେ ଏବଂ ପରିଶେଷରେ ସେମାନଙ୍କୁ ଯୁଦ୍ଧରେ ସାମିଲ୍ ହେବା ନିମନ୍ତେ ରାଜି କରାଇନେଲେ । ଅର୍ଥାତ ଉମୈୟାହ୍ ତ' ନିଜେ ପ୍ରସ୍ତୁତ ହୋଇଗଲା ଓ ଅବୁ ଲହବ୍ ଅନ୍ୟ ବ୍ୟକ୍ତିକୁ ଅନେକ ଟଙ୍କା ପଇସା ଦେଇ ନିଜ ସ୍ଥାନରେ ଛିଡ଼ା କରିଦେଲା । ଏହିପରି ଭାବରେ ତିନି ଦିନର ପ୍ରସ୍ତୁତି ପରେ ଏକ ହଜାରରୁ ଉର୍ଦ୍ଧ୍ୱ ବୀର ସିପାହୀଙ୍କର ସୈନ୍ୟଦଳ ମକ୍କାରୁ ବାହାରିବା ନିମନ୍ତେ ପ୍ରସ୍ତୁତ ହୋଇଗଲା । ବର୍ତ୍ତମାନ ଉକ୍ତ ସୈନ୍ୟଦଳଟି ମକ୍କାରେ ହିଁ ଥିଲା କି କୁରୈଶ୍‌ର କେତେକ ଅଧିପତିଙ୍କୁ ଏହି ଧାରଣା ମନେର ଉତ୍ପନ୍ନ ହେଲା ଯେ, ବନୁ କିନାନର ଶାଖା ବନୁ ବକର ସହିତ ମକ୍କାବାସୀଙ୍କର ସଂପର୍କ ଭଲ ନାହିଁ । ତେଣୁ ଏପରି ଅଘଟଣ ନଘଟୁ କି ସେମାନଙ୍କର ଅନୁପସ୍ଥିତିର ଫାଇଦା ଉଠାଇ ସେମାନେ ତାଙ୍କ ପଛରେ ମକ୍କା ଉପରେ ଆକ୍ରମଣ କରିଦେବେ ଓ ଏହି ଚିନ୍ତାଧାରା ଯୋଗୁଁ କେତେକ କୁରୈଶ୍‌ମାନେ ପ୍ରକମ୍ପିତ ହେବାକୁ ଲାଗିଲେ। କିନ୍ତୁ ବନୁ କିନାନର ଜଣେ ଅଧିପତି ସୁରାକା ବିନ୍ ମାଲିକ୍ ବିନ୍ ଯାଆଶମ୍ ଯେକି ସେତେବେଳେ ମକ୍କାରେ ଥିଲା ସେମାନଙ୍କୁ ଆଶ୍ୱାସନା ଦେଲା ଓ କହିଲା, ମୁଁ ଉକ୍ତ କଥାର ଜାମିନ୍ ଦେଉଛି ଯେ, ମକ୍କା ଉପରେ କୌଣସି ଅକ୍ରମଣ ହେବା ନାହିଁ । ବରଂ ସୁରାକା ମନରେ ମୁସଲମାନମାନଙ୍କର ବିରୋଧରେ ଏପରି ଉତ୍ସାହ ରହିଥିଲା ଯେ, କୁରୈଶ୍‌ର ସମର୍ଥନରେ ସେ ସ୍ୱୟଂ ବଦର୍ ରଣଭୂମି ପର୍ଯ୍ୟନ୍ତ ସେମାନଙ୍କ ସହିତ ଯାଇଥିଲା। କିନ୍ତୁ ସେଠାରେ ମୁସଲମାନମାନଙ୍କର ସଂଖ୍ୟାକୁ ଦେଖି ସେ ଏତେ ଭୟଭୀତ ହୋଇଗଲା ଯେ, ଯୁଦ୍ଧ ପୂର୍ବରୁ ହିଁ ନିଜର ସାଥିମାନଙ୍କୁ ଛାଡ଼ି ପଳାଇ ଆସିଲା.......

ମକ୍କାରୁ ବାହାରିବା ପୂର୍ବରୁ କୁରୈଶ୍‌ମାନେ କାଆବା ଯାଇ ଦୁଆ କଲା ଯେ, ହେ ପ୍ରଭୁ ! ଆମ ଦୁଇ ଗୋଷ୍ଠୀ ମଧ୍ୟରୁ ଯେଉଁ ଗୋଷ୍ଠୀ ସତ୍ୟ ଉପରେ ପ୍ରତିଷ୍ଠିତ ଓ ତୁମ୍ଭ ଦୃଷ୍ଟିରେ ସର୍ବାଧିକ ଶିଷ୍ଟ ଏବଂ ସର୍ବୋତ୍କୃଷ୍ଟ ଅଟେ । ତୁମ୍ଭେ ତାହାକୁ ସମର୍ଥନ ଜଣାଅ ଓ ଅନ୍ୟ ଗୋଷ୍ଠୀକୁ ତରିସ୍କୃତ କରିଦିଅ (ଅର୍ଥାତ୍ ଧ୍ୱଂସ କରିଦିଅ) । ଏହାପରେ ମକ୍କାର ଅବଜ୍ଞାକାରୀମାନଙ୍କର ସୈନ୍ୟବାହିନୀ ଅତ୍ୟନ୍ତ ବୈଭବ୍ୟର ସହିତ ମକ୍କାରୁ ପ୍ରସ୍ଥାନ କଲା ।" **(ସିରତ୍ ଖାତମୁନ୍ ନବୀୟିନ୍, ଲେଖକ-ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ.ଏ ର.ଅ, ପୃ-350-351)**

ସେମାନେ ନିଜ ବିନାଶର ତ' ସ୍ୱୟଂ ଦୁଆ (ପ୍ରାର୍ଥନା) କରିନେଲେ । ପ୍ରାରମ୍ଭରେ ମକ୍କାର ସୈନ୍ୟ ଦଳ ସଂଖ୍ୟା 1300 ଥିଲା । **(ଅର୍ ରହିକୁଲ୍ ମଖ୍‌ତୁମ୍, ପୃ-281, ମକ୍‌ତବତୁସ୍ ସିଫ୍‌ଲିୟା, ଲାହୋର-2000)**

ଏହି ପ୍ରାମାଣ୍ୟ ମିଳିଥାଏ । କିନ୍ତୁ ବନୁ ଜୁହ୍‌ରା ଓ ବନୁ ଅଦିର ଲୋକମାନେ

**ଅଲ୍ଲାଃତାଲାଙ୍କ ବାଣୀ**

"ଓ୍ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ମାର୍ଗରେ ଉକ୍ତ ସୈନ୍ୟବାହିନୀରୁ ପୃଥକ୍ ହୋଇଗଲେ । ଏହିପରି ଭାବରେ କୁରେଶ୍‌ର ସୈନ୍ୟ ସଂଖ୍ୟା 950 ଥିଲା କିମ୍ବା ଅନ୍ୟ ବର୍ଣ୍ଣନାନୁଯାୟୀ 1000 ରହି ଯାଇଥିଲା । ଏତଦ୍‌ଭିନ୍ନ ସେମାନଙ୍କ ନିକଟରେ 100 କିମ୍ବା ଅନ୍ୟ କେତେକଙ୍କ ନିକଟରେ 200 ଅଶ୍ୱ, 700 ଓଟ, 600 ସାଞ୍ଜୁ ପୋଷାକ ଓ ଅନ୍ୟାନ୍ୟ ଯୁଦ୍ଧ ସରଞ୍ଜାମ ଉଦାହରଣ ସ୍ୱରୂପ ତୀର୍, ବର୍ଚ୍ଛା, ଖଡ୍‌ଗ ଓ କମାଣ (ଧନୁ) ଇତ୍ୟାଦି ବିପୁଳ ସଂଖ୍ୟାରେ ଗଚ୍ଛିତ ହୋଇ ରହିଥିଲା । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି କସିର୍, ପୃ-248-249, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2005 ମସିହାରୁ ଉଦ୍ଧୃତ) (ସିରତ୍ ଖାତମୁନ୍ ନବିୟିନ୍, ଲେଖକ- ହ. ସାହିବ୍‌ଜାଦା ମିର୍ଜା ବଶୀରୁଦ୍ଦୀନ୍ ଅହେମଦ୍ ସାହେବ ର.ଅ, ପୃ-352)**

କୁରେଶ୍‌ର ଅଧିପତିମାନଙ୍କର ବିନାଶ ସଂପର୍କରେ ଜୁହେମ୍ ବିନ୍ ସଲତ୍‌ଙ୍କର ଏକ ସ୍ୱପ୍ନ ଚର୍ଚ୍ଚା ରହିଛି । କୁରେଶମାନେ ମକ୍କାରୁ ବାହାରିଲେ ଓ ଜୁହ୍‌ଫା ଠାରେ ଅବତରଣ କଲେ । ଜୁହ୍‌ଫା ମକ୍କା ଠାରୁ ମଦିନାର ଦିଗ ଆଡ଼କୁ ପ୍ରାୟ 82 ମାଇଲ୍ ଦୂରତାରେ ଅବସ୍ଥିତ । ଜୁହେମ୍ ବିନ୍ ସଲତ୍ ଲୋକମାନଙ୍କ ଠାରୁ ବର୍ଣ୍ଣନା କଲେ ଯେ, ମୁଁ ସ୍ୱପ୍ନରେ ଦେଖିଲି ଯେ, ଜଣେ ବ୍ୟକ୍ତି ଅଶ୍ୱ ଉପରେ ଆରୋହଣ ହୋଇ ଆସିଲା ଏବଂ ତା' ସହିତ ଏକ ଓଟ ମଧ୍ୟ ରହିଛି । ସେ ହି ବ୍ୟକ୍ତି ଜଣକ କହୁଛି ଯେ, ଉତ୍‌ବା ବିନ୍ ରବିୟାହ୍‌ର ବଧ ହେଲା ଓ ଶୈବା ବିନ୍ ରବିୟାର ବଧ ହେଲା ଓ ଅବୁଲ୍ ହକମ୍ ବିନ୍ ହଶ୍ଶାମ୍ ଅର୍ଥାତ୍ ଅବୁ ଜହଲ୍‌ର ବଧ ହେଲା ଓ ଉମୈୟାହ୍ ବିନ୍ ଖଲଫ୍‌ର ବଧ ହେଲା ତଥା ଅମକ ଅମକ ବ୍ୟକ୍ତି, କୁରୈଶ୍‌ର ଅଧିପତିମାନଙ୍କ ମଧ୍ୟରୁ ଯେଉଁ ଲୋକମାନେ ପରେ ବଦର ଠାରେ ବଧ ବା ନିହତ ହୋଇଥିଲେ ସମସ୍ତଙ୍କର ନାମ ଉଚ୍ଚାରଣ କଲା ଓ ପୁନଶ୍ଚ ସେହି ଆସିଥିବା ବ୍ୟକ୍ତି ଜଣକ ନିଜ ଓଟର ବେକରେ ବର୍ଚ୍ଛା ମାରି ଆମ ସୈନ୍ୟବାହିନୀ ଆଡ଼କୁ ଛାଡ଼ିଦେଲା । ଅତଃ ଆମର ସୈନ୍ୟବାହିନୀ ମଧ୍ୟରୁ ଏପରି କୌଣସି ଶିବିର ରହି ନଥିଲା ଯେଉଁ ଶିବରରେ ଓଟର ରକ୍ତ ଛିଟା ଲାଗି ନଥିବ । ଅବୁ ଜହଲ୍ ଯେତେବେଳେ ଉକ୍ତ କଥା ଶୁଣିଲା ସେତେବେଳେ ସେ ତାଚ୍ଛଲ୍ୟ ଓ କ୍ରୋଧାନ୍ୱିତ ହୋଇ କହିବାକୁ ଲାଗିଲା । ବନୁ ମୁତଲ୍ଲିବ୍ ସଂପ୍ରଦାୟ ମଧ୍ୟରୁ ଆଉ ଜଣେ ନବୀ ଜନ୍ମ ଗ୍ରହଣ କରିନେଇଛି । କାଲି ଯଦି ଆମେମାନେ ଯୁଦ୍ଧ କଲୁ ତେବେ ତୁମେମାନେ ଭଲ ଭାବରେ ଜାଣିନେବ ଯେ, କିଏ କାହାକୁ ବଧ କରିବ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ, ପୃ-422-423, ଜିକ୍ରୁର୍ ରୋୟା ଆତିକା ବିନତ୍ ଅବଦୁଲ୍ ମୁତଲ୍ଲିବ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ ବୈରୁତ୍-2001 ମସିହାରୁ ଉଦ୍ଧୃତ)**

ସେ ଯାହା ହେଉ ଯେପରିକି ବର୍ଣ୍ଣିତ ହୋଇ ସାରିଛି ଯେ, ଅବୁ ସୁଫିୟାନ୍ ତା' ମାର୍ଗ ପରିବର୍ତ୍ତନ କରି ଚାଲିଯାଇଥିଲା । ସେ ଅବୁ ଜହଲକୁ ସନ୍ଦେଶ ପ୍ରେରଣ କଲା ଯେ, ଯୁଦ୍ଧ କରିବାର ଆବଶ୍ୟକତା ନାହିଁ, ଫେରିଆସ ! ହୁଜୁର ଅନ୍‌ୱର୍ ଅ.ବ କହିଲେ, ଯେପରିକି ଗତଥର ମଧ୍ୟ ବର୍ଣ୍ଣିତ ହୋଇଥିଲା ଯେ, ସ୍ୱୟଂ ଅବୁ ସୁଫିୟାନ ସତର୍କତା ସ୍ୱରୂପ ଯାତ୍ରୀସମୂହରୁ ଆଗକୁ ଅଗ୍ରସର ହୋଇଯାଇ ଜଳକୁଣ୍ଡ ନିକଟରେ ଅବତରଣ କଲା ଏବଂ ସେଠାରେ ସେ ଜଣେ ବ୍ୟକ୍ତିକୁ ପଚାରିଲା ଯେ, ତୁମେ ଏଠାକୁ କୌଣସି ବ୍ୟକ୍ତି ଆସୁଥିବାର ଦେଖିଛ କି ? ସେ କହିଲା, ମୁଁ ନିୟମ ବିରୁଦ୍ଧୀୟ କୌଣସି ବ୍ୟକ୍ତିକୁ ତ' ଦେଖି ନାହିଁ । କିନ୍ତୁ ମୁଁ ଦୁଇ ଜଣ ଆରୋହୀଙ୍କୁ ଦେଖିଛି । ସେମାନେ ନିଜର ଓଟ ସେହି ସ୍ତୂପ ନିକଟରେ ବସାଇ ଦେଲେ ଏବଂ ଜଳଥଳୀରେ ପାଣି ଭର୍ତ୍ତି କରି ଚାଲିଗଲେ । ଅବୁ ସୁଫିୟାନ୍ ସେମାନଙ୍କର ଓଟ ବସିଥିବା ସ୍ଥଳୀକୁ ଆସିଲା ଓ ସେମାନଙ୍କର ଓଟର ଶୁଷ୍କ ମଳକୁ ଉଠାଇ ଦେଖିଲା ଏବଂ ତାହାକୁ ଯେତେବେଳେ ଭାଙ୍ଗିଲା ସେତେବେଳେ ତହିଁରେ ଖଜୁରୀ କୋଳିର ବୀଜ ଥିଲା । ଏହା ଦେଖି ସେ କହିଲା, ଏହା ୟସ୍‌ରବ୍ ବାସୀଙ୍କର ଚାରା ଅଟେ । ସେ କ୍ଷିପ୍ର ବେଗରେ ନିଜର ସାଥିମାନଙ୍କ ଆଡ଼କୁ ଧାଇଁଲା ଓ ନିଜ ଓଟର ମୁହଁ ଉପରେ ପ୍ରହାର କରି ସେମାନଙ୍କୁ ମାର୍ଗରୁ ମୋଡ଼ି ଅନ୍ୟ ଦିଗ ଅର୍ଥାତ୍ ସମୁଦ୍ରକୂଳ ଆଡ଼କୁ ବାହାରିଗଲା ଏବଂ ବଦର୍ ଭୂମିକୁ ନିଜର ବାମ ପର୍ଶ୍ୱରେ ପରିତ୍ୟାଗ କରି ଦ୍ରୁତ ଗତିରେ ବାହାରି ପଡ଼ିଲା । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ, ପୃ-422, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହାରୁ ଉଦ୍ଧୃତ)**

ଉକ୍ତ ଘଟଣାଟି ମୁଁ ପୂର୍ବ ଖୁତ୍‌ବାରେ ବର୍ଣ୍ଣନା କରି ସାରିଛି । ସେ ଯାହା ହେଉ ଅବୁ ସୁଫିୟାନକୁ ଯେତେବେଳେ ଏହି ବିଶ୍ୱାସ ହୋଗଲା ଯେ, ସେ ନିଜର ଯାତ୍ରୀସମୂହକୁ ସୁରକ୍ଷିତ କରି ନେଇଛି ସେତେବେଳେ ସେ କୁରୈଶକୁ ଏହି ବାର୍ତ୍ତା ପ୍ରେରଣ କଲା ଯେ, ତୁମେ କେବଳ ନିଜ ଯାତ୍ରୀସମୂହର ଲୋକମାନଙ୍କୁ ଓ ଧନକୁ ରକ୍ଷା କରିବା ନିମନ୍ତେ ବାହାରିଥିଲେ । ତେବେ ଅଲ୍ଲାଃତାଲା ସେହି ଯାତ୍ରୀସମୂହକୁ ରକ୍ଷା କରିନେଇଛନ୍ତି । ଅତଃ ତୁମେମାନେ ଫେରିଆସ । କିନ୍ତୁ ଅବୁ ସୁଫିୟାନର ବାର୍ତ୍ତା ଶୁଣି ଅବୁ ଜହଲ୍ କହିଲା, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ! ଯେପର୍ଯ୍ୟନ୍ତକି ଆମେମାନେ ବଦର ଠାରେ ପହଞ୍ଚି ନଯାଇଛୁ ସେପର୍ଯ୍ୟନ୍ତ ଆମେମାନେ କଦାପି ଫେରିଯିବୁ ନାହିଁ । ବଦର୍ ଆରବ୍ୟ ମେଳା ମଧ୍ୟରୁ ଏକ ମେଳାର ନାମ ଅଟେ। ଏହି ସ୍ଥାନରେ ମେଳା ଅନୁଷ୍ଠିତ ହେଉଥିଲା ଏବଂ ପ୍ରତ୍ୟେକ ବର୍ଷ ଏଠାରେ ଦୋକାନ ବଜାର ବସୁଥିଲା । ସେ କହିଲା, ଆମେମାନେ ସେଠାରେ ତିନି ଦିନ ପର୍ଯ୍ୟନ୍ତ ଅବସ୍ଥାନ କରିବୁ, ଓଟ ଜେବହ୍ କରିବୁ, ଖାଦ୍ୟ ଖୁଆଇବୁ, ମଦ୍ୟପାନ କରାଇବୁ, ଆମର ଦାସୀମାନେ ଆମ ଆଗରେ ସଂଗୀତ ଓ ନୃତ୍ୟ ପରିବେଷଣ କରିବେ। ସମଗ୍ର ଆରବ ଦେଶ ଆମର ଯାତ୍ରା ଓ ଆମର ସୈନ୍ୟବାହିନୀର ବୀର ଗାଥା ସଂପର୍କରେ ଶୁଣିବ, ଏହାପରେ ସେମାନେ ଚିରକାଳ ପାଇଁ ଆମ ଠାରୁ ଭୀତତ୍ରସ୍ତ ହୋଇ ରହିବେ । ଅତଃ ତୁମେମାନେ ମାଡ଼ିଚାଲ (ଅଗ୍ରସର ହୋଇଚାଲ) । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-423, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହାରୁ ଉଦ୍ଧୃତ)**

ଏକ ଆତଙ୍କ ସୃଷ୍ଟି କରିବା ନିମନ୍ତେ ସେ କହିଲା ଯେ, ଆମେମାନେ ସେଠାରେ ଯୁଦ୍ଧ ପାଇଁ ସୈନ୍ୟମାନଙ୍କୁ ଅବଶ୍ୟ ନେଇଯିବୁ । ସେମାନଙ୍କ ସହିତ ବନୁ ଜୁହ୍‌ରା ସଂପ୍ରଦାୟ ମଧ୍ୟ ରହିଥିଲା । ତତ୍‌ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ, ସେ ଫେରି ଆସିବା ନିଷ୍ପତ୍ତି ନେଲା । ଅବୁ ସୁଫିୟାନ୍‌କୁ ଯେତେବେଳେ ଏହି ସନ୍ଦେଶ ପ୍ରାପ୍ତ ହେଲା ସେତେବେଳେ ଏହା ଶୁଣି ଉଖନସ୍ ବିନ୍ ଶରିକ୍ ଯେକି ବନୁ ଜୁହ୍‌ରା ସଂପ୍ରଦାୟର ମିତ୍ର ଥିଲା, ସେ କହିଲା, ହେ ବନୁ ଜୁହରା ! ଅଲ୍ଲାଃତାଲା ତୁମମାନଙ୍କର ଧନକୁ ମଧ୍ୟ ସୁରକ୍ଷିତ କରିନେଇଛନ୍ତି ଓ ତୁମମାନଙ୍କର ସାଥି ମଖ୍‌ରମା ବିନ୍ ନୌଫଲ୍‌କୁ ମଧ୍ୟ ମୁକ୍ତି ପ୍ରଦାନ କରିଛନ୍ତି । ମଖ୍‌ରମା ବିନ୍ ନୌଫଲ୍ ଅବୁ ସୁଫିୟାନ ଯାତ୍ରୀସମୂହରେ ସାମିଲ ଥିଲା । ତୁମେମାନେ ଘରୁ ଏଇଥିପାଇଁ ବାହାରି ଥିଲ ଯେ, ମଖ୍‌ରମାକୁ ବଞ୍ଚାଇବ ଓ ନିଜର ଧନସମ୍ପଦର ସୁରକ୍ଷା କରିବ । କିନ୍ତୁ ତୁମେମାନେ ମୋ ଉପରେ ଭୀରୁତାର ଦୋଷାରୋପଣ କରୁଛ । ତୁମେମାନେ ଫେରିଚାଲ । କାରଣ କ୍ଷତି ନହେବା ସ୍ଥଳରେ ତୁମେମାନଙ୍କୁ ବାହାରିବାର କୌଣସି ଆବଶ୍ୟକତା ପଡ଼ିବ ନାହିଁ। ଅବୁ ଜହଲର କଥାରେ ପଡ଼ ନାହିଁ । ସୁତରାଂ ସେମାନେ ଫେରିଗଲେ ଏବଂ ବନୁ ଜୁହରାର କୌଣସି ବ୍ୟକ୍ତି ମଧ୍ୟ ଯୁଦ୍ଧରେ ଅଂଶ ଗ୍ରହଣ କଲା ନାହିଁ । ଏହିପରି ଭାବରେ ବନୁ ଅଦି ବିନ୍ କାଆବ୍ ସହିତ ମଦ୍ୟ କୌଣସି ବ୍ୟକ୍ତି ଯୁଦ୍ଧ ନିମନ୍ତେ ଗଲା ନାହିଁ ଓ ଫେରିଗଲା । କୁରୈଶ୍‌ର ସୈନ୍ୟବାହିନୀ ଆଗକୁ ଅଗ୍ରସର ହୋଇ ଚାଲିଲା

ହ. ଅବୁ ତାଲିବ୍‌ର ପୁତ୍ର ମଧ୍ୟ ଉକ୍ତ ସୈନ୍ୟବାହିନୀରେ ସାମିଲ୍ ଥିଲେ । କୁରୈଶ୍‌ର କେତେକ ଲୋକମାନଙ୍କ ସହିତ ତାଙ୍କର ବାର୍ତ୍ତାଳାପ ହୋଇଥିଲା କୁରୈଶ୍‌ମାନେ ବ୍ୟଙ୍ଗବିଦ୍ରୁପ ପୂର୍ବକ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ହେ ବନି ହାଶିମ୍! ଆମେମାନେ ଜାଣୁ ଯେ, ତୁମେ ଯଦିଓ ଆମ ସହିତ ଚାଲି ଆସିଛ କିନ୍ତୁ ତୁମର ହୃଦୟର ସହାନୁଭୂତି ମୁହମ୍ମଦ୍ ସ.ଅଙ୍କ ସହିତ ରହିଛି । ଉକ୍ତ କଥା ଶୁଣି ତାଲିବ୍ ନିଜର ଅନେକ ସାଥିମାନଙ୍କ ସମେତ ଫେରି ଆସିଲେ । ଏକ ବର୍ଣ୍ଣନାରେ ଏହି ଚର୍ଚ୍ଚା ମିଳେ ଯେ, ତାଲିବ୍ ବିନ୍ ଅବୁ ତାଲିବ୍ ଜବରଦସ୍ତ ଅବଜ୍ଞକାରୀମାନଙ୍କ ସହିତ ବଦର ଯାଇଥିଲେ । କିନ୍ତୁ କଏଦୀମାନଙ୍କ ମଧ୍ୟରେ ନା ତାଙ୍କର କୌଣସି ଠିକଣା ମିଳା ଓ ନା ବଧ ବା ନିହତ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ତାଙ୍କର କୌଣସି ଠିକଣ ପରିଚୟ ମିଳିଲା, ସେ ନିଜ ଘରକୁ ମନଧ ଫେରିଲେ ନାହିଁ । **(ତିବ୍ରୀ ଇତିହାସର ଅନୁବାଦକ, ଭାଗ-2, ପୃ-137, ନଫିସ୍ ଏକାଡ଼େମୀ, କରାଚୀ)** ଏହା ତବ୍ରୀର ପ୍ରାମାଣ୍ୟ ଅଟେ ।

ସେ ଯାହା ହେଉ ଅନ୍ୟ ସୈନ୍ୟବାହୀନୀ ଯାହାକି ବର୍ତ୍ତମାନ 1300ରୁ କିଛି କମ୍ ହୋଇ ପ୍ରାୟ 1000 ରହିଯାଇଥିଲା ସେ ନିଜର ଯାତ୍ରା ଜାରି ରଖିଲା । ଏପର୍ଯ୍ୟନ୍ତକି ସେମାନେ ବଦର୍ ନିକଟବର୍ତ୍ତୀ ଏକ ସ୍ତୂପ ପଛରେ ଯାଇ ଶିବିର ଲଗାଇଲେ । **(ଅସ୍ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-423, ଜିକ୍ରୁର୍ ରୋୟା ଆତିକା ବିନ୍ତର୍ ଅବ୍‌ଦୁଲ୍ ମୁତଲ୍ଲିବ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ ବୈରୁତ୍-2001 ମସିହାରୁ ଉଦ୍ଧୃତ)**

ରସୁଲ୍ କରୀମ୍ ସ.ଅଙ୍କ ମଦିନାରୁ ପ୍ରତ୍ୟାବର୍ତ୍ତନ ଓ ମୁସଲମାନମାନଙ୍କର ସୈନ୍ୟ ସଂଖ୍ୟା ସଂପର୍କରେ ଉଲ୍ଲେଖ ରହିଛି ଯେ, ରସୁଲ୍ କରୀମ୍ ସ.ଅ 12 ରମଜାନ୍ ଦୁଇ ହିଜ୍ରୀ ଶନିବାର ଦିନ ମଦିନାରୁ ପ୍ରସ୍ଥାନ କଲେ । ଆପଣ ସ.ଅଙ୍କ

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

---

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

ସହିତ 300ରୁ ଉର୍ଦ୍ଧ୍ୱ ସଦସ୍ୟ ଥିଲେ । ଯହିଁରେ 74 ଜଣ ପ୍ରବାସକାରୀ ଓ ଅନ୍ୟ ଅନସାରମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ । ଏହା ପ୍ରଥମ ଯୁଦ୍ଧ ଥିଲା ଯହିଁରେ ଅନ୍‌ସାର୍‌ମାନେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲେ । ହ. ଉସମାନ୍ ବିନ୍ ଅଫ୍ଫାନ୍ ର.ଅଙ୍କୁ ରସୁଲ୍ କରୀମ୍ ସ.ଅ ମଦିନାରେ ହିଁ ଅଟକିଯିବାର ଆଦେଶ ଦେଲେ । କାରଣ ତାଙ୍କର ପତ୍ନି ହ. ରୁକଇୟାହ୍ ବିନ୍ତ୍ ରସୁଲୁଲ୍ଲାଃ ସ.ଅ ଅସୁସ୍ଥ ଥିଲେ । ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ହ. ଉସମାନ୍ ର.ଅ ସ୍ୱୟଂ ଅସୁସ୍ଥ ଥିଲେ । କିନ୍ତୁ ଅଧିକ ପରିଚିତ ବର୍ଣ୍ଣନାଟି ଏହା ହିଁ ଯେ, ତାଙ୍କର ପତ୍ନି ଅସୁସ୍ଥ ଥିଲେ । ଅନେକ ବର୍ଣ୍ଣନାରେ ମୁସଲମାନମାନଙ୍କର ସଂଖ୍ୟା 313 ବୋଲି ବର୍ଣ୍ଣିତ ହୋଇଛି ।

ସହି ବୁଖାରୀରେ ବର୍ଣ୍ଣିତ ହୋଇଛି ଯେ, ହ. ବରାଅ ବିନ୍ ଆଜିବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ହ. ମୁହମ୍ମଦ୍ ସ.ଅଙ୍କର ଏହି ସାହାବାମାନେ ଯେଉଁମାନେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ସେମାନେ ମୋତେ କହିଲେ, ସେମାନଙ୍କର ସଂଖ୍ୟା ସେତିକି ଥିଲା ଯେତିକି ତାଲୁତ୍‌ର ସାଥିମାନଙ୍କର ସଂଖ୍ୟା ଥିଲା । ତାଲୁତ୍ ସହିତ ସମୁଦ୍ରରୁ ପାର ହୋଇଥିଲେ । ଅର୍ଥାତ 310 ଜଣରୁ ଉର୍ଦ୍ଧ୍ୱ ଅଟେ । ହ. ବରାଅ ର.ଅ କହୁଥିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି, ତାଲୁତ୍ ସହିତ ସମୁଦ୍ର ରୁ କେବଳ ବିଶ୍ୱାସକାରୀମାନେ ହିଁ ପାରି ହୋଇଥିଲେ ।**(ଅତ୍ ତବକାତୁଲ୍ କୁବ୍ରା ଲଇବନି ସାଆଦ୍, ଭାଗ-2, ପୃ-8, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-1990 ମସିହା) (ସହିଉଲ୍ ବୁଖାରୀ, କିତାବୁଲ୍ ମୁଗାଜି, ବାବ୍ ଇଦ୍ଦତୁ ଅସହାବି ବଦର, ହଦିସ୍ 3957) (ଗଜ୍ୱାତୁନ୍ ନବୀ ସ.ଅ, ଲେଖକ- ଅଲ୍ଲାମା ବୁରହାନ୍ ହଲବିର ଅନୁବାଦକ, ପୃ-72, ପ୍ରକାଶନ ସ୍ଥାନ- ଦାରୁଲ୍ ଇଶାଅତ୍ କାରାଚୀ-2001)**

ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ରସୁଲ୍ କରୀମ୍ ସ.ଅ ସାହାବାମାନଙ୍କୁ ଗଣିବା ନିମନ୍ତେ ଆଦେଶ ଦେଇଥିଲେ । ସେମାନେ ଗଣିବା ପରେ ରସୁଲ୍ କରୀମ୍ ସ.ଅଙ୍କୁ ସୂଚନା ଦେଲେ ଯେ, 313 ଅଟନ୍ତି । ତେଣୁ ଆପଣ ସ.ଅ ଅତ୍ୟନ୍ତ ପ୍ରସନ୍ନ ହେଲେ ଓ କହିଲେ, ତାଲୁତର ସାଥିମାନଙ୍କ ସଂଖ୍ୟା ଯେତିକି ରହିଛି ସେତିକି ।**(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-4, ପୃ-25, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-1993)**

ହ. ମୁସଲେହ୍ ମଉଦ୍ ର.ଅ ବଦର୍ ଯୁଦ୍ଧରେ ମୁସଲମାନମାନଙ୍କର ସଂଖ୍ୟା ସଂପର୍କରେ କୁହନ୍ତି: ଆମେମାନେ ଅବଲୋକନ କରୁଛୁ ଯେ, ବଦର୍ ଯୁଦ୍ଧ ଅବସରରେ ସାହାବାମାନେ 313 ସଂଖ୍ୟକ ବାହାରିଥିଲେ । ସେମାନେ 313 ବଦଳରେ ଯଦି 600 କିମ୍ବା 700 ସଂଖ୍ୟାରେ ବାହାରି ଥାଆନ୍ତେ ଏବଂ ସେହି ସାହାବାମାନେ ମଧ୍ୟ ସାମିଲ୍ ହୋଇଯାଇଥିଲେ ଯେଉଁମାନେ ମଦିନାରେ ରହି ଯାଇଥିଲେ । ସେମାନଙ୍କ ପାଇଁ ଅଧିକ ସରଳ ହୋଇଯାଇ ଥାଆନ୍ତା । କିନ୍ତୁ ଈଶ୍ୱର ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କୁ ତ' ଉକ୍ତ ଯୁଦ୍ଧ ସଂକ୍ରାନ୍ତରେ ସୂଚନା ଦେଇଦେଲେ । କିନ୍ତୁ ତତ୍‌ସହିତ ବାରଣ ମଧ୍ୟ କରିଦେଲେ ଯେ, ଯୁଦ୍ଧ ସଂପର୍କରେ କହାରିକୁ କିଛି କହିବ ନାହିଁ ଓ ଏହାର କାରଣ ଏହା ଥିଲା ଯେ, ଅଲ୍ଲାଃତାଲା କେତେକ ବିଗତ ଭବିଷ୍ୟବାଣୀକୁ ପୂର୍ଣ୍ଣ କରିବାକୁ ଚାହୁଁଥିଲେ ।

ଉଦାହରଣ ସ୍ୱରୂପ ସାହାବାମାନଙ୍କର ସଂଖ୍ୟା 313 ଥିଲା ଓ ବାଇବେଲ୍‌ରେ ଏହି ଭବିଷ୍ୟବାଣୀ ଉପସ୍ଥିତ ଥିଲା ଯେ, ଯେଉଁ ଘଟଣା ଜଦ୍‌ଉନ୍ ସହିତ ହେଉଥିଲା ସେହି ଘଟଣା ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ଓ ଆପଣ ସ.ଅଙ୍କ ସାହାବାମାନଙ୍କୁ ସମ୍ମୁଖୀନ ହେବେ ଓ ଯେତେବେଳେ ଜଦ୍‌ଉନ୍ ନବୀ ନିଜର ଶତ୍ରୁ ସହିତ ଲଢିଥିଲେ। ତେବେ ତାଙ୍କର ଜମାଅତ୍‌ର ସଂଖ୍ୟା 313 ଥିଲା । ବର୍ତ୍ତମାନ ସାହାବାମାନଙ୍କୁ ଯଦି ଜ୍ଞାତ ହୋଇଥାଆନ୍ତା ଯେ, ଆମେମାନେ ମଦିନାରୁ ଯୁଦ୍ଧ ନିମନ୍ତେ ବାହାରୁଛୁ ତେବେ ସେମାନେ ସମସ୍ତେ ବାହାରି ଆସି ଥାଆନ୍ତେ ଏବଂ ସେମାନଙ୍କର ସଂଖ୍ୟା 313ରୁ ଅଧିକ ହୋଇଯାଇ ଥାଆନ୍ତା । ଉକ୍ତ ବ୍ରହ୍ମଜ୍ଞାନ ଅନୁଯାୟୀ ଅଲ୍ଲାଃତାଲା ଉକ୍ତ ପ୍ରସଙ୍ଗକୁ ଗୁପ୍ତ ରଖିଲେ । କାରଣ ସାହାବାମାନେଙ୍କର ସଂଖ୍ୟ 313ରୁ ଉର୍ଦ୍ଧ୍ୱ ହୋଇପାରିଲା ନାହିଁ । କାରଣ 313 ଜଣ ସାହାବାମାନଙ୍କର ଯିବା ହିଁ ଭବିଷ୍ୟବାଣୀକୁ ସଂପୂର୍ଣ୍ଣ କ ରିପାରିଥାଆନ୍ତା । ଅତଃ ଏହା ଆବଶ୍ୟକ ଥିଲା ଯେ, ଯୁଦ୍ଧର ସୂଚନାକୁ ଗୁପ୍ତ ରଖା ଯାଇଥାଆନ୍ତା ଓ ଯୁଦ୍ଧଭୂମିରେ ପହଞ୍ଚି ସାହାବାମାନଙ୍କୁ କୁହାଗଲା ଯେ, ତୁମର ମୁକାବିଲା କୁରୈଶୀୟ ସୈନ୍ୟବାହିନୀ ସହିତ ହେବ ।" **(ଏକ୍ ଆୟତ୍ କି ପୁର୍ ମଆରିଫ୍ ତଫସିର, ଅନ୍‌ୱାରୁଲ୍ ଉଲୁମ୍, ଭାଗ-18, ପୃ-619)**

ଉମ୍ମେ ୱର୍କା ନୌଫିଲ୍ ନାମକ ଜନୈକା ମହିଳା ଥିଲେ । ତାଙ୍କର ଜିହାଦ୍ ଉତ୍ସାହ ସଂପର୍କରେ ଚର୍ଚ୍ଚା ମିଳେ ଯେ, ଆଁହଜରତ ସ.ଅ ଯେତେବେଳେ ବଦର୍ ଅଭିମୁଖେ ପ୍ରସ୍ଥାନ କଲେ ସେତେବେଳେ ହ. ଉମ୍ମେ ୱର୍କା ଆଁହଜରତ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ମୋତେ ମଧ୍ୟ ଜିହାଦ୍ କରିବା ନିମନ୍ତେ ଅନୁମତି ପ୍ରଦାନ କରନ୍ତୁ । ମୁଁ ଆପଣ ସ.ଅଙ୍କ ସହିତ ଅସୁସ୍ଥ ତଥା ରୋଗୀମାନଙ୍କର ସେବା କରିବି । ସମ୍ଭବତଃ ଅଲ୍ଲାଃତାଲା ମୋତେ ମଧ୍ୟ ଶାହାଦତ୍ (ବୀରଗତି) ସୌଭାଗ୍ୟ ପ୍ରାପ୍ତ ହେବ । ଆପଣ ସ.ଅ କହିଲେ, ହେ ୱର୍କା ! ତୁମେ ନିଜ ଘରେ ହିଁ ରୁହ । ଅଲ୍ଲାଃତାଲା ତୁମକୁ ଶାହାଦତ୍ ପ୍ରଦାନ କରିଦେବେ । ସେହି ସାହାବିୟା ଜଣକ ପବିତ୍ର କୁରଆନ୍ କରୀମ୍ ପାଠ ପଢିଥିଲେ ଓ ରସୁଲ୍ କରୀମ୍ ସ.ଅ ତାଙ୍କ ନିକଟକୁ ଚାଲି ଯାଉଥିଲେ । ଅତଃ ଆଁହଜରତ ସ.ଅ ତାଙ୍କର ନାମ ଶହୀଦା ରଖି ଦେଇଥିଲେ। ସୁତରାଂ ସାଧାରାଣ ମୁସଲମାନମାନେ ମଧ୍ୟ ତାଙ୍କୁ ଶହୀଦା କହିବାକୁ ଲାଗିଥିଲେ । ପୁନଶ୍ଚ ହ. ଉମର ର.ଅଙ୍କ ଖିଲାଫତ୍‌ରେ ହ. ଉମ୍ମେ ୱର୍କାଙ୍କର ଜଣେ ଦାସ ଓ ଦାସୀ ତାଙ୍କୁ ଏକ ଚଦରରେ ଗୁଡ଼ାଇ ଅର୍ଥାତ୍ ଶ୍ୱାସରୁଦ୍ଧ କରି ଅଚେତ କରିଦେଲେ । ଏପର୍ଯ୍ୟନ୍ତକି ସେ ମୃତ୍ୟୁବରଣ କଲେ । ସେ ନିଜର ସେହି ଦାସ ଓ ଦାସୀମାନଙ୍କ ସଂପର୍କରେ ଏହି ଓସିୟତ୍ କରିଥିଲେ ଯେ, ମୋର ବିୟୋଗ ଅନ୍ତେ ଏମାନେ ମୁକ୍ତ ହେବେ । ହତ୍ୟାକାରୀଙ୍କୁ ହ. ଉମର୍ ର.ଅଙ୍କ ଆଦେଶ କ୍ରମେ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ହ. ଉମର୍ ର.ଅ କହିଲେ, ରସୁଲ୍ କରୀମ୍ ସ.ଅ ସତ୍ୟ କହିଥିଲେ । ଆପଣ ସ.ଅ କହୁଥିଲେ ଯେ, ହେ ଉମର୍ ! ତୁମେ ମୋ ସହିତ ଚାଲ ଶହୀଦାଙ୍କୁ ଭେଟି ଆସିବା । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-197, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)**

ଅର୍ଥାତ୍ ଆଁହଜରତ ସ.ଅ ଯେତେବେଳେ ଶହିଦୀଙ୍କ ଘରକୁ ଯାଉଥିଲେ ସେତେବେଳେ ହ. ଉମର୍ ର.ଅଙ୍କୁ ମଧ୍ୟ ସାଙ୍ଗରେ ନେଇ ଯାଉଥିଲେ ।

ଇସଲାମୀୟ ସାମରିକ ଶକ୍ତି ସଂପର୍କରେ ଏହିପରି ଉଲ୍ଲେଖ ରହିଛି ଯେ, ଏକ ବର୍ଣ୍ଣନାନୁଯାୟୀ ସେହି ଯୁଦ୍ଧରେ ମୁସଲମାନମାନଙ୍କ ନିକଟରେ 5ଟି ଅଶ୍ୱ ରହିଥିଲେ। ଅନ୍ୟ କେତେକଙ୍କ ମତରେ କେବଳ ଦୁଇଟି ଅଶ୍ୱ ରହିଥିଲେ । ଗୋଟିଏ ଅଶ୍ୱ ହ. ମିକ୍‌ଦାଦ୍ ର.ଅଙ୍କର ଅଶ୍ୱ ଓ ଅନ୍ୟଟି ହ. ଜୁବୈର୍ ର.ଅଙ୍କର । ହ. ଅଲୀ ର.ଅ ବର୍ଣ୍ଣନା କରନ୍ତି ଯେ, ବଦର୍ ଦିନ ହ. ମିକଦାଦ୍ ର.ଅଙ୍କ ବ୍ୟତୀତ ଅନ୍ୟ କୌଣସି ଅଶ୍ୱାରୋହୀ ନଥିଲା । ତେବେ ସେ ଯାହା ହେଉ ଅଶ୍ୱମାନଙ୍କର ଯେଉଁ ବର୍ଣ୍ଣନା ସର୍ବାଧିକ ସଂଖ୍ୟା ରହିଛି ତାହା 5 ବୋଲି ଉଲ୍ଲେଖ ରହିଛି । ମୁସଲମାନମାନଙ୍କ ନିକଟରେ 60 ଲୌହ ପୋଷାକଧାରୀ ବ୍ୟକ୍ତି ଥିଲେ ଓ ଓଟମାନଙ୍କର ସଂଖ୍ୟା 70 କିମ୍ବା 80 ରହିଥିଲା । ସେହି ଓଟମାନଙ୍କ ଉପରେ ସମସ୍ତ ସାହାବା ତଥା ସମସ୍ତ ମୁସଲମାନମାନେ ପାଳି କରି ଆରୋହଣ ହେଉଥିଲେ । ରସୁଲୁଲ୍ଲାଃ ସ.ଅ, ହ. ଅଲୀ ଓ ହ. ମୁର୍ସଦ୍ ବିନ୍ ଅବୁ ମୁର୍ସଦ୍ ଏକ ଓଟରେ ଆରୋହଣ ହେଉଥିଲେ। ଯେତେବେଳେ ଆଁହଜରତ ସ.ଅଙ୍କର ପାଦରେ ଚାଲିବାର ସମୟ ଆସୁଥିଲା ସେତେବେଳେ ଆପଣ ସ.ଅଙ୍କ ଦୁଇ ସାଥିମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଆପଣ ସ.ଅଙ୍କ ପାଳିରେ ପାଦରେ ଚାଲିବୁ ଓ ଆପଣ ଓଟ ଉପରେ ଆରୋହଣ ହୋଇ ରହିବେ । ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ତୁମେ ମୋ ଠୁ ବେଶୀ ସାମାର୍ଥ୍ୟବାନ ଶକ୍ତିର ଅଧିକାରୀ ନାହଁ ଓ ନା ହିଁ ମୁଁ ତୁମମାନଙ୍କର ପୁଣ୍ୟ ଠାରୁ ନିସ୍ପୃହ ଅଟେ । ମୋତେ ମଧ୍ୟ ଯୁଦ୍ଧର, ଉକ୍ତ ଯାତ୍ରାର, ଅଭିଯାନର ପୁଣ୍ୟ ଦରକାର । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-204-205, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହାରୁ ଉଦ୍ଧୃତ) (ଅସ୍ ସିରତୁନ୍ ନବୱିୟାହ୍, ଲଇବ୍‌ନି କସିର୍, ପୃ-249, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-2005 ମସିହା) (ଗଜ୍‌ୱାତୁନ୍ ନବୀ ସ.ଅ, ଲେଖକ-ଅଲ୍ଲାମା ଅଲୀ ବିନ୍ ବୁରହାନୁଦ୍ଦୀନ ହଲବି, ଅନୁବାଦକ, ପୃ-76, ଦାରୁଲ୍ ଇଶାଅତ୍ କରାଚୀ 2001 ମସିହା) (ଦଲାଏଲୁନ୍ ନୁବୁୱତା ଲିଲ୍‌ବହିକି, ଭାଗ-3, ପୃ-32, ପ୍ରକାଶକ- ଦାରୁର୍ ରୟ୍ୟାନ୍ ଲିତ୍ ତୁରାସା କାହିରାହ୍, 1988 ମସିହା)**

ସାହାବାମାନଙ୍କ ନିମନ୍ତେ ଆଁହଜରତ୍ ସ.ଅଙ୍କର ଏକ ଦୁଆ ଥିଲା । ତତ୍‌ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ମାର୍ଗରେ ଏକ ସ୍ଥାନରୁ ଅତିକ୍ରମ କରିବା ସମୟରେ ରସୁଲୁଲ୍ଲାଃ ସ.ଅ ନିଜର ସାହାବାମାନଙ୍କ ନିମନ୍ତେ ଏହି ଦୁଆ (ପ୍ରାର୍ଥନା) କଲେ, "ହେ ଅଲ୍ଲାଃ ! ଏମାନେ ଖାଲି ପାଦ ଅଟନ୍ତି ଏମାନଙ୍କୁ ବାହାନ ପ୍ରଦାନ କର, ଏମାନେ ଫୁଙ୍ଗୁଳା ଶରୀର ଅଟନ୍ତି ଏମାନଙ୍କୁ ବସ୍ତ୍ର ପ୍ରଦାନ କର । ଏମାନେ କ୍ଷୁଧାର୍ତ୍ତ ଅଟନ୍ତି ଏମାନଙ୍କ କ୍ଷୁଧାକୁ ଦୂର କର ଏବଂ ପେଟ ପୂରାଇ ଆହାର ପ୍ରଦାନ କର, ଏମାନେ ଅଭାବି ଓ ଦରିଦ୍ର ଅଟନ୍ତି ଏମାନଙ୍କୁ ନିଜ କୃପାରୁ ଧନାଢ୍ୟ କରିଦିଅ।"

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ.ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" । (ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

ସୁତରାଂ ଆଁହଜରତ ସ.ଅଙ୍କର ଉକ୍ତ ପ୍ରାର୍ଥନା ସ୍ୱୀକୃତ ହେଲା ଏବଂ ବଦର୍ ଯୁଦ୍ଧ ଫେରନ୍ତା ବ୍ୟକ୍ତିମାନଙ୍କ ମଧ୍ୟରୁ ଏପରି କୌଣସି ବ୍ୟକ୍ତି ନଥିଲା ଯେ, ଯେଉଁ ବ୍ୟକ୍ତି ସବାରୀରେ ବସି ଯିବାକୁ ଇଚ୍ଛୁକ ଥିବ ତା'କୁ ଗୋଟିଏ ଦୁଇଟି ଓଟ ପ୍ରାପ୍ତ ହୋଇ ନଥିବ ଯାହାକୁ ସେମାନେ ବ୍ୟବହାର କରିପାରିବେ । ସେହିପରି ଯେଉଁମାନଙ୍କ ନିକଟରେ ବସ୍ତ୍ର ନଥିଲା ସେମାନଙ୍କୁ ବସ୍ତ୍ର ପ୍ରାପ୍ତ ହୋଇଗଲା ଓ ଏତେ ଧନସମ୍ପଦ ପ୍ରାପ୍ତ ହେଲା ଯେ, ଖାଦ୍ୟ ପେୟର ଆଉ କୌଣସି ଅଭାବ ତଥା ସଂକଟ ରହିଲା ନାହିଁ । ସେହିପରି ଯୁଦ୍ଧୀୟ କଏଦୀମାନଙ୍କର କାରାମୁକ୍ତରୁ ଏତେ କ୍ଷତିପୂରଣ ପ୍ରାପ୍ତ ହେଲା ଯେ, ପ୍ରତ୍ୟେକ ବଂଶ ଧନବାନ୍ ହୋଇଗଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-204, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-2002 ମସିହା)**

କେତେକ ବ୍ୟକ୍ତି ମଦିନାରେ ରହିଲେ ଓ ଆଉ କେତେକ ସ୍ୱଳ୍ପାୟୁ ବ୍ୟକ୍ତିମାନେ ମୁଜାହିଦିନ୍ ଥିଲେ ଯେଉଁମାନଙ୍କୁ ଆଁହଜରତ ସ.ଅ ଫେରିଯିବା ପାଇଁ ଆଦେଶ ଦେଇଥିଲେ । ତତସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ବଦର୍ ଅଭିମୁଖେ ବାହାରିବାର ଆଦେଶ ସର୍ବସାଧରଣଙ୍କ ପାଇଁ ରହିଥିଲା । କିନ୍ତୁ ଏଥି ନିମନ୍ତେ ଯୁଦ୍ଧ ପ୍ରସ୍ତୁତି କରିବାକୁ ଅଧିକ ସମୟ ଓ ଅବସର ଦିଆଗଲା ନାହିଁ । ସୁତରାଂ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, କେତେକ ଲୋକମାନେ କହିଲେ ଯେ, ମଦିନା ଠାରୁ ସ୍ୱଳ୍ପ ଦୂରତାରେ ଆମର ବାହନ ରହିଛି ଆମେ ସେହି ବାହାନଗୁଡ଼ିକୁ ନେଇ ଆସିବୁ । କିନ୍ତୁ ଆଦେଶ ମିଳିଲା ଯେ, ନାହିଁ ସେଗୁଡ଼ିକୁ ଆଉ ଆଣ ନାହିଁ । ସୁତରାଂ ସେହି ଲୋକମାନଙ୍କୁ ରହିବାକୁ ଦିଆଗଲା କିମ୍ବା ସେମାନେ ବିନା ବାହାନରେ ସୈନ୍ୟବାହିନୀ ସହିତ ପ୍ରସ୍ଥାନ କଲେ । ଏଠାରେ ଯେଉଁ ଉଲ୍ଲେଖ ରହିଛି ଯେ, ଏହି ଆଦେଶ ସର୍ବସାଧାରଣଙ୍କ ନିମନ୍ତେ ଥିଲା । କିନ୍ତୁ ତଥାପି କେତେକ କଟକଣା ରହିଥିଲା ଏବଂ ଆଁହଜରତ ସ.ଅ କାହାରିକୁ ପ୍ରସ୍ତୁତ ହେବା ନିମନ୍ତେ ସୁଯୋଗ ମଧ୍ୟ ପ୍ରଦାନ କଲେ ନାହିଁ ଯେ, ଲୋକମାନେ ପ୍ରସ୍ତୁତ ହୋଇଯିବେ । ସେ ଯାହା ହେଉ ଉଲ୍ଲେଖ ରହିଛି ଯେ, ଏହିପରି କେତେକ ନୈଷ୍ଠିକ ବ୍ୟକ୍ତି ଏପରି ଥିଲେ କି ସେମାନେ କିଛି ନା କିଛି ବାହାନା କରି ପଛରେ ରହିଯିବାର ଅନୁମତି ପ୍ରାପ୍ତ ହେଲା । ଯେପରିକି ହ. ଉସମାନ୍ ର.ଅଙ୍କୁ । ଏହାର ଚର୍ଚ୍ଚା ପୂର୍ବେ ହୋଇସାରିଛି । ସେହିପରି ଅବୁ ଅମାମା ବିନ୍ ସାଆଲ୍‌ବାଙ୍କର ମତାଶ୍ରୀ ଅସୁସ୍ଥ ଥିଲେ । କିନ୍ତୁ ସେ ଯେତେବେଳେ ସୈନ୍ୟବାହିନୀ ସହିତ ଗମନ (ଯିବା) କରିବା ନିମନ୍ତେ ମନସ୍ଥ କରି ନେଇଥିଲେ । ସେତେବେଳେ ଆଁହଜରତ ସ.ଅ ଅବୁ ଅମାମାଙ୍କୁ ଆଦେଶ ଦେଲେ ଯେ, ସେ ନିଜର ଅସୁସ୍ଥ ମାତାଶ୍ରୀଙ୍କ ନିକଟରେ ରୁହନ୍ତୁ । ଆପଣ ସ.ଅ ଯେତେବେଳେ ବଦର ଭୂମିରୁ ପ୍ରତ୍ୟାବର୍ତ୍ତନ କଲେ ସେତେବେଳେ ତାଙ୍କର ମାତାଶ୍ରୀ ମୃତ୍ୟୁବରଣ କରି ସାରିଥିଲେ । ସୁତରାଂ ଆପଣ ସ.ଅ ତାଙ୍କ କବର ଉପରେ ଯାଇ ଦୁଆ କଲେ । ହ. ସାଆଦ୍ ବିନ୍ ଉବାଦାହ୍ ର.ଅ ଯେକି ଅତ୍ୟନ୍ତ ଉତ୍ସାହର ସହିତ ଲୋକମାନଙ୍କୁ ଯାତ୍ରା ନିମନ୍ତେ ପ୍ରସ୍ତୁତ କରୁଥିଲେ ତାଙ୍କୁ ସର୍ପ ଦଂଶନ କରିନେଲା। ତେଣୁ ସେ ମଦିନାରେ ହିଁ ରହିଲେ । ସେହିପରି ରସୁଲ୍ କରୀମ୍ ସ.ଅ ରାସ୍ତାର ଏକ ସ୍ଥାନରେ ଅଟକିଲେ ଏବଂ ସ୍ୱଳ୍ପାୟୁ ମୁଜାହିଦିନ୍‌ଙ୍କୁ ପ୍ରତ୍ୟାହାର କରିଦିଆଗଲା । ତନ୍ମଧ୍ୟରେ ଉସ୍ୱାମା ବିନ୍ ଜୈଦ୍, ରାଫେ ବିନ୍ ଖଦିଜ୍, ବରାଅ ବିନ୍ ଆଜିବ୍, ଉସୈଦ୍ ବିନ୍ ଜୁହେର୍, ଜୈଦ୍ ବିନ୍ ଅର୍କମ୍ ଓ ଜୈଦ୍ ବିନ୍ ସାବିତ୍ ଇତ୍ୟାଦି ସାହାବାମାନେ ସାମିଲ୍ ଥିଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-202, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-2002 ମସିହା)(ଅଲ୍‌ବଦାୟାହ୍ ୱନ୍ ନହାୟା, ଭାଗ-5, ପୃ-227, ଦାରେ ହିଜର୍, ବୈରୁତ୍-1997 ମସିହା) (ଦଲାଏଲୁନ୍ ନୁବୁୱତା ଲିଲ୍ ବହିକି, ଭାଗ-3, ପୃ-68, ପ୍ରକାଶନ ସ୍ଥାନ ଦାରୁର୍ ରୟ୍ୟାନ୍, ଲିତ୍ ତୁରାସା କାହିରା-1988 ମସିହା)**

ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଆଜି ସେହି ଯୁଗ ଏବଂ ସେହି ସମୟ ଆସିଛି ଯେ, ଲୋକମାନେ ଇସ୍‌ଲାମ୍ ଧର୍ମ ଏବଂ ବଳିଦାନ ନିମନ୍ତେ ଆଳ ଏବଂ ବାହାନା କରନ୍ତି । ବେଳ ପଡ଼ିଲେ କୁହନ୍ତି ଯେ, ଆମର ଅମକ ସମସ୍ୟା ରହିଛି । ତାହା ପ୍ରତିବନ୍ଧକ ଅଟେ । କିନ୍ତୁ ରସୁଲ୍ କରୀମ୍ ସ.ଅଙ୍କ ପବିତ୍ର ଐଶୀ ଶକ୍ତି ଅନୁଯାୟୀ ମୁସଲମାନମାନଙ୍କ ମଧ୍ୟରେ ବଳିଦାନର ସେହି ଉତ୍ସାହ ସୃଷ୍ଟି ହୋଇସାରିଥିଲା ଯେ, ନାରୀ, ପୁରୁଷ ଏବଂ ଯୁବକମାନଙ୍କ କଥା ତ' ଛାଡ଼ ଛୋଟ ପିଲାମାନେ ମଧ୍ୟ ଉକ୍ତ ଆବେଗ ଦ୍ୱାରା ପରିପୂର୍ଣ୍ଣ ଥିବାର ପରିଦୃଶ୍ୟମାନ ହୁଅନ୍ତି । ଏପର୍ଯ୍ୟନ୍ତକି ବଦର ଯୁଦ୍ଧ ଅବସରରେ ରସୁଲ୍ କରୀମ୍ ସ.ଅ ସାହାବାମାନଙ୍କୁ ଡକାଇଲେ । କାରଣ ଆପଣ ସ.ଅ ସେମାନଙ୍କ ମଧ୍ୟରୁ ସେହି ବ୍ୟକ୍ତିଙ୍କୁ ହିଁ ଚୟନ କରିବେ ଯେଉଁମାନେ ଯୁଦ୍ଧ ନିମନ୍ତେ ଯୋଗ୍ୟ ଅଟନ୍ତି । ସେତେବେଳେ ଜଣେ ବାଳକ ସଂପର୍କରେ ଏହି ଉଲ୍ଲେଖ ମିଳେ ଯେ, ଅର୍ଥାତ୍ ଅନ୍ୟ ସାହାବାମାନେ ଓ ସ୍ୱୟଂ ସେହି ବାଳକ ମଧ୍ୟ ବର୍ଣ୍ଣନା କରେ ଯେ, ଯେତେବେଳେ ସେହି ଲୋକ (ସାହାବାମାନେ) ଛିଡ଼ା ହେଲେ, ସେ ମଧ୍ୟ ଉତ୍ସାହିତ ହୋଇ ଇସଲାମ୍ ଧର୍ମ ସକାଶେ ପ୍ରାଣୋତ୍ସର୍ଗ କରିବା ନିମନ୍ତେ ସୁଯୋଗ ମିଳିବ ବୋଲି ଧାଡ଼ିରେ ଛିଡ଼ା ହୋଇଗଲା । କିନ୍ତୁ ସ୍ୱଳ୍ପାୟୁ ହୋଇଥିବା ହେତୁ ଅନ୍ୟ ଲୋକମାନଙ୍କ ତୁଳନାରେ ବହୁତ ଛୋଟ ଜଣାପଡ଼ୁଥିଲା । ଅତଃ ଏହି ଆଶଙ୍କା ଥିଲା କି ସମ୍ଭବତଃ ମନୋନୀତ ହୋଇପାରିବ ନାହିଁ । ତେଣୁ ସେ ନିଜ ପାଦର ଆଙ୍ଗୁଠି ସାହାଯ୍ୟରେ ଛିଡ଼ା ହୋଇଗଲା ଏବଂ ଗୋଇଠିକୁ ଉପରକୁ ଟେକିଦେଲା । କାରଣ ସେ ଯେପରି ଉଚ୍ଚ ବୋଲି ଜଣାପଡ଼ୁ ଏବଂ ଛାତି ଫୁଲାଇ ଚଉଡ଼ା କରିନେଲା । କାରଣ ଦୁର୍ବଳ ଜଣା ନପଡ଼ୁ । ରସୁଲ୍ କରୀମ୍ ସ.ଅ କହିଥିଲେ ଯେ, ପନ୍ଦର ବର୍ଷରୁ କମ୍ ବୟସରେ ବାଳକମାନଙ୍କୁ ନିଆ ନଯାଉ । ଆପଣ ସ.ଅ ଚୟନ କରୁ କରୁ ଯେତେବେଳେ ସେହି ବାଳକ ନିକଟରେ ପହଞ୍ଚିଲେ ସେତେବେଳେ କହିଲେ, ଉକ୍ତ ବାଳକଟି ଛୋଟପିଲା ଅଟେ । ଏହି ବାଳକକୁ କିଏ ଛିଡ଼ା କଲା ? ଉକ୍ତ ବାଳକକୁ ହଟାଇ ଦିଅ । କିନ୍ତୁ ଆଜିକା ସମୟରେ ଏପରି ହୁଅନ୍ତା ତେବେ ସମ୍ଭତଃ ଏପରି ବାଳକ ପ୍ରସନ୍ନ ଓ ଆନନ୍ଦରେ ଡେଇଁବାକୁ ଲାଗିଥାଆନ୍ତା କି ଯାହା ହେଉ ମୁଁ ବଞ୍ଚିଗଲି । କିନ୍ତୁ ସେହି ବାଳକକୁ ଯେତେବେଳେ ପୃଥକ କରାଗଲା ସେତେବେଳେ ସେ ଏତେ କାନ୍ଦିଲା ଯେ, ରସୁଲ୍ କରୀମ୍ ସ.ଅଙ୍କୁ ତ' ଉପରେ ଦୟା ଆସିଗଲା ଓ ଆପଣ ସ.ଅ କହିଲେ ଆଚ୍ଛା ଚାଲ ତା'କୁ ରଖିନିଆଯାଉ । **(ଖୁତ୍‌ବାତେ ମେହ୍‌ମୁଦ୍, ଭାଗ-17, ପୃ-265)"**

ଉକ୍ତ ଯାତ୍ରାରେ ଆଁହଜରତ ସ.ଅ ମଦିନାର ଯେଉଁ ଅମୀର୍ ନିଯୁକ୍ତ କରିଥିଲେ। ସେସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ, ମଦିନାରୁ ବାହାରିବା ସମୟରେ ଆପଣ ସ.ଅ ନିଜ ପଛରେ ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମକ୍‌ତୁମଙ୍କୁ ମଦିନାର ଅମୀର ନିଯୁକ୍ତ କିରଥିଲେ । କିନ୍ତୁ ଆପଣ ସ.ଅ ଯେତେବେଳେ ରୌହା ନାମକ ସ୍ଥାନରେ ପହଞ୍ଚିଲେ ସେତେବେଲେ ମଦିନାରୁ 36 ମାଇଲ୍ ଦୂରତାରେ ଅବସ୍ଥିତ ଅଟେ । ତେବେ ସମ୍ଭବତଃ ଆପଣ  ସ.ଅ ଏହା ଭାବି ତାଙ୍କୁ ଅମୀର୍ ରୂପେ ନିଯୁକ୍ତ କିରଥିଲେ ଯେ, ଅବ୍‌ଦୁଲ୍ଲାଃ ଜଣେ ଅନ୍ଧ ଅଟନ୍ତି ଓ କୁରୈଶୀୟ ସୈନ୍ୟବାହିନୀଙ୍କର ଆଗମନ ସୂଚନାର ଯଥେଷ୍ଟ ଆଶଙ୍କା ରହିଛି । ତେଣୁ ଆପଣ ସ.ଅଙ୍କ ପଛରେ ମଦିନାର ବ୍ୟବସ୍ଥା ସୁଦୃଢ ରହୁ । ସୁତରାଂ ଆପଣ ସ.ଅ ଅବୁ ଲବାବା ବିନ୍ ମୁନ୍‌ଜର୍‌ଙ୍କୁ ମଦିନାର ଅମୀର୍ ରୂପେ ନିଯୁକ୍ତ କରି ମଦିନାକୁ ପଠାଇ ଦେଲେ ଓ ଅବ୍‌ଦୁଲ୍ଲାଃ ବିନ୍ ଉମ୍ମେ ମକ୍‌ତୁମଙ୍କ ସଂକ୍ରାନ୍ତରେ ଆଦେଶ ଦେଲେ ଯେ, ସେ କେବଳ ଇମାମୁଲ୍ ସଲାତ୍ ରୁହନ୍ତୁ । କିନ୍ତୁ ବ୍ୟବସ୍ଥା ସଂପର୍କିତ ଦାୟିତ୍ୱ ଅବୁ ଲବାବା ସମ୍ପାଦନ କରନ୍ତୁ । ମଦିନାର  ଉପରମୁଣ୍ଡର ଜନସଂଖ୍ୟା ଅର୍ଥାତ୍ କୁବା ନିମନ୍ତେ ଆପଣ ସ.ଅ ଆସିମ୍ ବିନ୍ ଅଦିଙ୍କୁ ପୃଥକ ଅମୀର୍ ଭାବରେ ନିଯୁକ୍ତ କଲେ ।" (ସିରତ୍ ଖାତମୁନ୍ ନବୀୟିନ, ଲେଖକ- ହ. ମିର୍ଜା ବଶୀର୍ ଅହେମଦ ସାହେବ ଏମ୍.ଏ ର.ଅ, ପୃ-354)

ଇସ୍‌ଲାମୀୟ ସୈନ୍ୟବାହିନୀର ଧ୍ୱଜା ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ରସୁଲୁଲ୍ଲାଃ ସ.ଅ ଇସଲାମୀୟ ସୈନ୍ୟବାହିନୀର ଧ୍ୱଜା ହ. ମୁସଅବ୍ ବିନ୍ ଉମୈର୍‌ଙ୍କୁ ପ୍ରଦାନ କରିଥିଲେ । ଉକ୍ତ ଧ୍ୱଜା ଧବଳ ବର୍ଣ୍ଣର ଥିଲା । ଏତଦଭିନ୍ନ ଦୁଇଟି କଳା ରଙ୍ଗର ଧ୍ୱଜା ମଧ୍ୟ ରହିଥିଲା ତନ୍ମଧ୍ୟରୁ ଜଣେ ହ. ଅଲୀ ର.ଅଙ୍କ ନିକଟରେ ରହିଥିଲା ଯାହାର ନାମ ଉକ୍କାବ୍ ଥିଲା । ଉକ୍ତ ଧ୍ୱଜା ହ. ଆଏଶା ର.ଅଙ୍କ ଓଢଣାରୁ ତିଆରି କରାଯାଇଥିଲା ଏବଂ ଅନ୍ୟ ଧ୍ୱଜା ଜଣେ ଅନ୍‌ସାରୀ ସାହାବିଙ୍କ ନିକଟରେ ରହିଥିଲେ । ଏକ ବର୍ଣ୍ଣାନାନୁଯାୟୀ ଇସ୍‌ଲାମୀୟ ସୈନ୍ୟ ନିକଟରେ ତିନୋଟି ଧ୍ୱଜା ରହିଥିଲା । ପ୍ରବାସକାରୀଙ୍କ ଧ୍ୱଜା ହ. ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ନିକଟରେ ଖଜ୍‌ରଜ ସଂପ୍ରଦାୟର ଧ୍ୱଜା ହ. ହୁବବାବ୍ ବିନ୍ ମୁନଜର୍ ର.ଅଙ୍କ ନିକଟରେ ଓ ୱସ୍ ସଂପ୍ରଦାୟର ଧ୍ୱଜା ହ. ସାଆଦ୍ ବିନ୍ ମୁଆଜ୍ ର.ଅଙ୍କ ପାଖରେ ରହିଥିଲା । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-203, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-2002 ମସିହା)**

ହ. ଖୱାତ୍ ବିନ୍ ଜୁବୈର୍ ର.ଅ ମଧ୍ୟ ଯୁଦ୍ଧରେ ସାଥିରେ ଥିଲେ (ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-202, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍-2002 ମସିହା) କିନ୍ତୁ ମାର୍ଗରେ ଏକ ସ୍ଥାନରେ ପହଞ୍ଚି ତାଙ୍କ ଗୋଡ଼ରେ ପଥର ବାଜିବା


### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

**(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )**

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ଯୋଗୁଁ ଗଭୀର ଆଘାତ ଲାଗିଥିଲା ଏବଂ ରକ୍ତସ୍ରାବ ଆରମ୍ଭ ହୋଇଗଲା ମଦିନା ଫେରିଗଲେ **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-202, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)** ରସୁଲ୍ କରୀମ୍ ସ.ଅ ତାଙ୍କ ସକାଶେ ମଧ୍ୟ ମାଲେ ଗନିମତରୁ ଏକ ଅଂଶ ରଖିଥିଲେ । ଅନ୍ୟ କେତେକ ବିଦ୍ୱାନମାନଙ୍କ ନିକଟରେ ସେ ବଦର୍ ଯୁଦ୍ଧରେ ସାମିଲ ହୋଇଥିଲେ । କିନ୍ତୁ ସଠିକ୍ ବର୍ଣ୍ଣନାନୁଯାୟୀ ସେ ମଦିନା ଫେରିଯାଇଥିଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-203, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)**

ଅବଜ୍ଞାକାରୀଙ୍କ ସାହାଯ୍ୟ ଲୋଡ଼ିବାକୁ ଅସ୍ୱୀକାର କରିବା ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ମଦିନାରେ ହୁବୈବ୍ ବିନ୍ ୟସାଫ୍ ନାମକ ଜଣେ ଶକ୍ତିଶାଳୀ ଓ ସାହାସୀ ବ୍ୟକ୍ତି ଥିଲା । ଉକ୍ତ ବ୍ୟକ୍ତି ଜଣକ ଖଜରଜ୍ ସଂପ୍ରଦାୟର ଥିଲା ଓ ବଦର ଯୁଦ୍ଧ ପର୍ଯ୍ୟନ୍ତ ମୁସଲମାନ ହୋଇ ନଥିଲା । କିନ୍ତୁ ସେ ମଧ୍ୟ ନିଜ ଖଜରଜ୍ ସଂପ୍ରଦାୟ ସହିତ ଯୁଦ୍ଧ ନିମନ୍ତେ ବାହିରିଲା ଓ ଯୁଦ୍ଧ ଜିତିବା ସ୍ଥଳେ ମାଲେ ଗନିମତ୍ ପ୍ରାପ୍ତ ହେବା ବୋଲି ସେ ଆଶାବାଦୀ ଥିଲା । ମୁସଲମାନମାନେ ଏକଥା ଜାଣି ପ୍ରସନ୍ନ ହେଲେ ଯେ, ଏହି ବ୍ୟକ୍ତି ମଧ୍ୟ ଯୁଦ୍ଧରେ ସାମିଲ୍ ହେଉଅଛି । କିନ୍ତୁ ଆଁହଜରତ ସ.ଅ ଉକ୍ତ ବ୍ୟକ୍ତିକୁ କହିଲେ, ଯେଉଁ ବ୍ୟକ୍ତି ଆମ ଧର୍ମରେ ଥିବ ଅର୍ଥାତ୍ ମୁସଲମାନ ଧର୍ମାବଲମ୍ବୀ ହୋଇଥିବ ସେହି ବ୍ୟକ୍ତି ହିଁ ଯୁଦ୍ଧକୁ ଯିବ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ଆପଣ ସ.ଅ କହିଲେ, ତୁମେ ଫେରିଯାଅ । ଆମେମାନେ ଅବିଶ୍ୱାସକାରୀ ବା ଅବଜ୍ଞାକାରୀଙ୍କ ସାହାଯ୍ୟ ଲୋଡ଼ିବାକୁ ଚାହୁଁ ନାହୁଁ । ହୁବୈବ୍ ବିନ୍ ୟସାଫ୍ ଦ୍ୱିତୀୟ ଥର ରସୁଲ୍ କରୀମ୍ ସ.ଅଙ୍କ ନିକଟକୁ ଆସିଲା । କିନ୍ତୁ ଆଁହଜରତ ସ.ଅ ଦ୍ୱିତୀୟ ଥର ମଧ୍ୟ ତା'କୁ ପଠେଇ ଦେଲେ ଯେ, ଯାଅ ଆମେ ମୁଶ୍ରିକ (ଅବଜ୍ଞକାରୀ)ଙ୍କ ସାହାଯ୍ୟ ଲୋଡୁ ନାହୁଁ । ପରିଶେଷରେ ତୃତୀୟ ଥର ପାଇଁ ୟସାଫ୍ ଯେତେବେଳେ ଆଁହଜରତ ସ.ଅଙ୍କ ନିକଟକୁ ଆସିଲା ସେତେବେଳେ ଆପଣ ସ.ଅ କହିଲେ, ହେ ୟସାଫ୍ ! କ'ଣ ତୁମେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ଉପରେ ବିଶ୍ୱାସ ଆଣୁଛି କି ? ୟସାଫ୍ ଉତ୍ତର ଦେଲା ହଁ, ଏହାପରେ ସେ ମୁସଲମାନ ହୋଇଗଲା ଏବଂ ଅତ୍ୟନ୍ତ ସାହସିକତାର ସହିତ ଯୁଦ୍ଧ ଲଢ଼ିଲା । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-2, ପୃ-204, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍-2002 ମସିହା)**

ଉକ୍ତ ଯାତ୍ରା ସମୟରେ ହ. ସାଆଦ୍ ର.ଅଙ୍କ ହରିଣ ଶିକାର ସଂପର୍କରେ ମଧ୍ୟ ଚର୍ଚ୍ଚା ମିଳେ । ମାର୍ଗରେ ଏକ ସ୍ଥାନରେ ଆପଣ ସ.ଅ ପହଞ୍ଚି ହ. ସାଆଦ୍ ବିନ୍ ଅବି ୱକ୍କାସ୍ ର.ଅଙ୍କୁ କହିଲେ, ହେ ସାଆଦ୍ ! ହରିଣକୁ ଲକ୍ଷ୍ୟ କରି ତୀର ବିନ୍ଧ କର । ବାଟରେ ତାଙ୍କୁ ହରିଣ ନଜର ଆସିଲା ଓ ରସୁଲ୍ କରୀମ୍ ସ.ଅ ଛିଡ଼ା ହୋଇଥିଲେ ଏବଂ ନିଜର ପବିତ୍ର ଥୋଡ଼ି ହ. ସାଆଦ୍ ର.ଅଙ୍କ ଦୁଇ କାନ୍ଧ ଏବଂ ଦୁଇ କର୍ଣ୍ଣ ମଧ୍ୟର ରଖି କହିଲେ, ସାଆଦ୍ ତୀର୍ ମାର ତୀର ମାର ! ଏହାପରେ ଆପଣ ସ.ଅ ଦୁଆ କଲେ , ହେ ଅଲ୍ଲାଃ ! ସାଆଦ୍‌ର ଲକ୍ଷ୍ୟକୁ ସଠିକ୍ କରିଦିଅ । ଏହାପରେ ହ. ସାଆଦ୍ ର.ଅ ତୀର ମାରିଲେ ଏବଂ ତାଙ୍କର ତୀର ଯାଇ ସଠିକ୍ ରୂପେ ହରିଣକୁ ଯାଇ ବାଜିଲା ଏବଂ ତାହା ବୃଥା ହେଲା ନାହିଁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ ସ୍ମିତହାସ୍ୟ ପ୍ରକାଶ କଲେ ଓ ହ. ସାଆଦ୍ ର.ଅ ଦୌଡ଼ିଯାଇ ଯେତେବେଳେ ସେହି ହରିଣକୁ ଧରିଲେ ସେତେବେଳେ ତା' ମଧ୍ୟରେ ଅର୍ଥାତ୍ ହରିଣ ଦିହରେ ବର୍ତ୍ତମାନ ଜୀବନ ବାକି ଥିଲା । ସୁତରାଂ ହ. ସାଆଦ୍ ର.ଅ ଉକ୍ତ ହରିଣକୁ ଜେବହ୍ କଲେ ଓ ତା'କୁ ଧରି ଆଣିଲେ ପୁନଶ୍ଚ ରସୁଲୁଲ୍ଲାଃ ସ.ଅ ଙ୍କ ଆଦେଶକ୍ରମେ ସେହି ହରିଣର ମାଂସକୁ ସାହାବାମାନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ବାଗ-4, ପୃ-25, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-1993 ମସିହା)**

ରସୁଲୁଲ୍ଲାଃ ସ.ଅ ଯାତ୍ରା ଜାରି ରଖିଲେ । ଆପଣ ସ.ଅ ଯେତେବେଳେ ସଫ୍ରା ନାମକ ସ୍ଥାନରେ ପହଞ୍ଚିଲେ ସେତେବେଳେ ତାହା ଏକ ଅତ୍ୟନ୍ତ ସବୁଜିମା ଖଜୁରୀ ବୃକ୍ଷ ଦ୍ୱାରା ପରିପୂର୍ଣ୍ଣ ଉପତ୍ୟକା ଥିଲା । ଏହା ବଦର ଭୂମି ଠାରୁ ଏକ ମାଇଲ୍ ଦୂରତାରେ ଅବସ୍ଥିତ ଅଟେ । ସୁତରାଂ ଆପଣ ସ.ଅ ଦୁଇ ଜଣ ବ୍ୟକ୍ତିକୁ ଅବୁ ସୁଫିୟାନ୍ ସଂପର୍କରେ ସୂଚନା ଆଣିବା ନିମନ୍ତେ ବଦର୍ ଅଭିମୁଖେ ପ୍ରେରଣ କଲେ ଓ ସ୍ୱୟଂ ମଧ୍ୟ ସୈନ୍ୟବାହିନୀ ସହିତ ଆଗକୁ ଅଗ୍ରସର ହେଲେ । ଏପର୍ଯ୍ୟନ୍ତକି ଜଫିରାନ୍ ଉପତ୍ୟକା ଦେଇ ଅତିକ୍ରମ କରି ଏକ ସ୍ଥାନରେ ଶିବିର ଲଗାଇଲେ ଯାହାକି ସଫ୍ରା ଉପତ୍ୟକା ନିକଟବର୍ତ୍ତୀ ଥିଲା ।**(ଅସ୍ ସିରତୁନ୍ ନବୱିୟାହ୍, ଲଇବ୍‌ନି ହିଶ୍ଶାମ୍, ପୃ-420, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-2001 ମସିହା)**

**(ମୁଅଜିମୁଲ୍ ବଲ୍‌ଦାନ୍, ଭାଗ-3, ପୃ-468, ପୃ-7, ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ଆଁହଜରତ ସ.ଅ ଯେଉଁ ଦୁଇ ଜଣ ବ୍ୟକ୍ତିଙ୍କୁ ଅବୁ ସୁଫିୟାନ୍ ସଂପର୍କରେ ସୂଚନା ଆଣିବା ନିମନ୍ତେ ପ୍ରେରଣ କରିଥିଲେ । ସେମାନେ ଚାଲି ଚାଲି ବଦର୍ ଠାରେ ଯାଇ ପହଞ୍ଚିଗଲେ ଏବଂ ସେଠାରେ ଜଳକୁଣ୍ଡ ଏକ ସ୍ତୁପ ନିକଟରେ ଓଟ ବସାଇ ଜଳଥଳୀ ନେଇ ତହିଁରେ ଜଳ ଭର୍ତ୍ତି କରିବାକୁ ଲାଗିଲେ । ସେହି ଦୁଇ ଜଣ ବ୍ୟକ୍ତି ସେଠାରେ ଦୁଇ ବାଳିକାଙ୍କର ସ୍ୱର ଶୁଣିଲେ, ସେମାନେ ଦୁହେଁ ଦୁହିଁଙ୍କୁ ଧରା ଧରି ହୋଇ ଜଳକୁଣ୍ଡ ଆଡ଼କୁ ଆସୁଥିଲେ । ସେହି ଦୁେଇ ବାଳିକାମାନେ ପରସ୍ପରକୁ କହୁଥିଲେ । ଯାତ୍ରୀସମୂହ କାଲି କିମ୍ବା ପଅରଦିନ ଆସିବ । ମୁଁ ସେମାନଙ୍କ ପାଖରେ ଯାଇ ମୂଲ ଲାଗି ତୋର ଋଣ ସୁଝିଦେବି । ସେହି ବାଳିକାମାନଙ୍କ ବ୍ୟତୀତ ଆଉ ଜଣେ ବ୍ୟକ୍ତି ସେଠାରେ ଉପସ୍ଥିତ ଥିଲା । ଉକ୍ତ ବ୍ୟକ୍ତି ଜଣକ ସେହି ବାଳିକମାନଙ୍କୁ କହିଲା, ଆରେ ଝିଅମାନେ ତୁମେମାନେ ଏକଦମ ସତ କହୁଛ। ଆଁହଜରତ ସ.ଅଙ୍କ ଦ୍ୱାରା ପ୍ରେରିତ ଲୋକମାନେ ଉକ୍ତ କଥା ଶୁଣିନେଲେ ଓ ସେମାନେ ଦୁହେଁ ନିଜ ଓଟ ଉପରେ ଆରୋହଣ ହୋଇ ସେଠାରୁ ଫେରି ଆସିଲେ। ସେମାନେ ଯାହାକିଛି ଶୁଣିଥିଲେ ସମସ୍ତ ବୃତ୍ତାନ୍ତ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ବଖାଣିଦେଲେ । ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହିପରି ଜଣେ ସୈନ୍ୟବାହିନୀ ଆସୁଛି । ଅତଏବ୍ ଉକ୍ତ ସୂଚନା ଯେତେବେଳେ ଆଁହଜରତ ସ.ଅଙ୍କୁ ଦେଲେ ସେତେବେଳେ ଆପଣ ସ.ଅ ମଧ୍ୟ ଅତିରିକ୍ତ ସତର୍କ ହୋଇଗଲେ। **(ଅସ୍ ସିରତୁନ୍ ନବୱିୟାହ୍, ଲଇବ୍‌ନି ହିଶ୍ଶାମ୍, ପୃ-422, ଦାରୁଲ୍ କୁତୁବୁଲ୍ ଇଲମିୟାହ୍ ବୈରୁତ୍-2001 ମସିହା)**

ହୁଜୁର ଅନୱର ଅ.ବ କହିଲେ, ସାହାବାମାନଙ୍କ ଜୀବନୀ ସଂପର୍କିତ ଘଟଣାବଳୀର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ପରବର୍ତ୍ତୀ ଖୁତ୍‌ବାରେ ବର୍ଣ୍ଣନା କରିବି। ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଉତ୍ତମ ଚର୍ଚ୍ଚା କରିଦେବାକୁ ଚାହୁଁଛି । ପ୍ରଥମ ଯନାଜାଃ ହେଲା ଯନାଜାଃ ହାଜିର୍ । ଉକ୍ତ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ଶେଖ ଗୁଲାମ୍ ରେହମାନୀ ସାହେବ ୟୁ.କେଙ୍କର । ବିଗତ ଦିନ 92 ବର୍ଷରେ ତାଙ୍କର ପରଲୋକ ହୋଇଯାଇଛି । انا لله وانا الیه راجعون । ସ୍ୱର୍ଗତ ରେହମାନୀ ସାହେବ ଅମୃତସରର ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ହ. ଶେଖ୍ ଗୁଲାମ ଜିଲାନୀ ସାହେବଙ୍କ ସୁଯୋଗ୍ୟ ସନ୍ତାନ ଥିଲେ ଏବଂ ସମ୍ମାନନୀୟ ଶେଖ୍ ରହେମତୁଲ୍ଲାଃ ସାହେବ ଯାହାଙ୍କୁ ଦୀର୍ଘ କାଳ ପର୍ଯ୍ୟନ୍ତ କରାଚୀ ଜମାଅତ୍‌ର ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ସେ ଦୀର୍ଘକାଳ ପର୍ଯ୍ୟନ୍ତ କରାଚୀ ଜମାଅତ୍‌ର ଅମୀର୍ ରହିଥିଲେ । ସମ୍ମାନନୀୟ ସ୍ୱର୍ଗତ ରହମାନୀ ସାହେବ 1902 ମସିହାରେ କାଦିଆନ୍‌ର ଯାତ୍ରା କରିଥିଲେ ଓ ହ. ମସିହ୍ ମଉଦ୍ ଅ.ସଙ୍କ ଦର୍ଶନ ମଧ୍ୟ ପ୍ରାପ୍ତ କିରଥିଲେ । ସେ ଏହା କହି ତୁରନ୍ତ ବିଶ୍ୱାସ ନେଇ ଆସିଥିଲେ ଯେ, ଉକ୍ତ ମୁଖମଣ୍ଡଳଟି କୌଣସି ମିଥ୍ୟାବାଦୀର ହୋଇପାରିବ ନାହିଁ । ଗୁଲାମ୍ ରେହମୀନା ସାହେବ 1958 ମସିହାରେ ବ୍ରିଟେନ୍ ଆସିଥିଲେ । ଏଠାକୁ ଆସି ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ଡିଗ୍ରୀ ପ୍ରାପ୍ତ କରିଥିଲେ । ପୁନଶ୍ଚ ଦୀର୍ଘକାଳ ପର୍ଯ୍ୟନ୍ତ ଏଠିକାର ହସ୍ପିଟାଲ୍‌ରେ ଏକ ମେଡ଼ିକାଲ ରିସର୍ଚ୍ଚର (ଅନୁସନ୍ଧିତ୍ସୁ) କାଉନସିଲ୍‌ରେ କାର୍ଯ୍ୟ କରିଥିଲେ । ଅନେକ ବର୍ଷ ପର୍ଯ୍ୟନ୍ତ ନେସ୍‌ନାଲ୍ ଜେନେରାଲ୍ ସେକ୍ରେଟାରୀ ଓ ଦଶ ବର୍ଷରୁ ଅଧିକ ବର୍ଷ ପର୍ଯ୍ୟନ୍ତ ସଦର ଜମାଅତ୍ ସାଉଥ୍‌ଅଲ୍ (Southall) ସ୍ୱରୂପେ ସେବା କରିବାକୁ ସାମର୍ଥ୍ୟ ଲାଭ କରିଥିଲେ । ସାଉଥ୍‌ଅଲ୍ ମିଶନ୍‌ର ଲୋକାଲ୍ କାଉନସିଲ୍‌ରୁ ମଞ୍ଜୁରୀ ନିମନ୍ତେ ବହୁତ ଉଦ୍ୟମ କଲେ ଏବଂ ଅଲ୍ଲାଃତାଲାଙ୍କ କୃପାରୁ ତାଙ୍କର ଉଦ୍ୟମ ଫଳପ୍ରସୁ ହୋଇଥିଲା । ଯେତେବେଳେ ଗୋଟିଏ ଘରେ ମିଶନ ହାଉସ୍ ସ୍ଥାପନ କରାଗଲା ସେତେବେଳେ ଜଣେ ପଡ଼ୋଶୀ ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କରିଦେଲା । ପ୍ରଶାସନ ସମସ୍ତ ପରିସ୍ଥିତିର ସମୀକ୍ଷା କଲା ଏବଂ ଏହାକୁ ବନ୍ଦ କରିବା ନିମନ୍ତେ ଇଚ୍ଛା ପ୍ରକାଶ କଲେ । କିନ୍ତୁ ରହେମାନୀ ସାହେବଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଉଦ୍ୟମ ବଳରେ ନିଜର ପକ୍ଷ ତଥା ଆସ୍ଥା ପ୍ରଶାସନ ଆଗରେ ଉପସ୍ଥାପିତ କଲେ । ଫଳତଃ ଅଲ୍ଲାଃତାଲାଙ୍କ କୃପାରୁ ସଫଳତା ପ୍ରାପ୍ତ ହେଲା ଓ ଜମାଅତ୍ ସପକ୍ଷରେ ନ୍ୟାୟ ହେଲା । ରହେମାନୀ ସାହେବ ବର୍ଷ ବର୍ଷ ଧରି ସାଉଥ୍ ଅଲ୍ ମିଶନ୍ ହାଉସ୍‌ରେ ରବିବାର ଦିନ କ୍ଲାସ୍ ଆୟୋଜିତ କରାଗଲା ଓ ଅନେକ ନୂତନ ପିଢ଼ୀର ଲୋକମାନଙ୍କୁ ଇସଲାମ୍ ଓ ଅହେମଦିୟତ୍‌ର ଶିକ୍ଷା ସହିତ ଅବଗତ କରାଗଲା । 1996 ମସିହାରେ ଆପଣ ନେସନାଲ୍ ସେକ୍ରେଟାରୀ ୱସାୟା ଭାବରେ ନିଯୁକ୍ତ ହୋଇଥିଲେ ଏବଂ ଯେତେବେଳେ 2005 ମସିହାରେ ଓସିୟତ୍ ସଂକ୍ରାନ୍ତରେ ତେହ୍‌ରିକ୍ (ଆହ୍ୱାନ) କରାଗାଲ ଏବଂ 50% ଚାନ୍ଦା ଦାତା

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଅବଶ୍ୟ ମୁସି ହୁଅନ୍ତୁ ସେତେବେଳେ ସେମାନେ ଅତ୍ୟନ୍ତ କଠିନ ପରିଶ୍ରମର ସହିତ ଏ ଦିଗରେ ପ୍ରୟାସ କଲେ ଏବଂ ତେହରିକ୍ (ଆହ୍ୱାନ ଦେଉଥିଲେ) ମଧ୍ୟ କରୁଥିଲେ । ସେ ଓସାୟା ବିଭାଗକୁ କମ୍ପ୍ୟୁଟରୀକୃତ ମଧ୍ୟ କଲେ ଓ ସଂହତ ଭାବରେ ପରିଚାଳନା ମଧ୍ୟ କଲେ । ସ୍ୱର୍ଗତ ରେହମାନୀ ସାହେବ ନମାଜ, ରୋଜା ଓ ତିଲାୱତ୍ କୁରଆନ୍ କରୀମର ନିୟମାନୁବର୍ତ୍ତୀ ଥିଲେ । ମିଷ୍ଟଭାଷୀ, ବିନୀତ ସ୍ୱଭାବର ଅଧିକାରୀ, ସ୍ୱଚ୍ଛ କଥନ, ପ୍ରେମ ଓ ଆନ୍ତରୀକତାର ସହିତ ସାକ୍ଷାତ କରୁଥିଲେ ଏବଂ ଜଣେ ପରୋପକାରୀ, ଦୟାଳୁ ତଥା ସହାନୁଭୂତି ପ୍ରଦର୍ଶନକାରୀ ଓ ଜଣେ ନୈଷ୍ଠିକ ବ୍ୟକ୍ତି ଥିଲେ । ଖିଲାଫତ୍ ସହିତ ତାଙ୍କର ଗଭୀର ଆନ୍ତରୀକତା ଓ ଭାବପ୍ରବଣମୂଳକ ସଂପର୍କ ଥିଲା । ହଜ୍ଜେ ବୈତୁଲ୍ଲାଃ କରିବାର ସୌଭାଗ୍ୟ ଅର୍ଜନ ମଧ୍ୟ ତାଙ୍କୁ ପ୍ରାପ୍ତ ହୋଇଥିଲା । ସ୍ୱର୍ଗତ ରେହମାନୀ ସାହେବ ଓସିୟତ୍ କରିଥିଲେ । ଶୋକସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ପତ୍ନୀ ଜମିଲା ରେହମାନୀ ସାହେବାଙ୍କ ବ୍ୟତୀତ ଜଣେ ପୁତ୍ର ଖାଲିଦ୍ ରହେମାନୀ ଓ ଜଣେ କନ୍ୟା ଆଏଶା ଅଟନ୍ତି । ଆପଣ ଡାକ୍ତର ନସିମ୍ ରହେମତୁଲ୍ଲାଃ ସାହେବ ଯେକି ଅଲ୍ ଇସଲାମ୍ ୱେବ୍‌ସାଇଟ୍‌ର ଚେୟାରମ୍ୟାନ ଅଟନ୍ତି, ତାଙ୍କର ଭିଣୋଇଥିଲେ ।

ଲଇକ୍ ତାହିର୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଉଲ୍ଲେଖ କରନ୍ତି: ପ୍ରତ୍ୟେକ ମାସରେ ମସ୍‌ଜିଦ୍ ଫଜଲ୍ ଆସୁଥିଲେ ଓ ଚାନ୍ଦାର ବିପୁଳ ଟଙ୍କା ପେଁଠ କରି ରସିଦ୍ କଟାଇ ନେଇଯାଉଥିଲେ । ସେହି ଯୁଗରେ ମୋତେ ତାଙ୍କ ସହିତ ସେତିକି ହିଁ ପରିଚୟ 1990 ମସିହାରେ ହେଲା ଯେତେବେଳେ ତାଙ୍କୁ ମୁବଲ୍ଲିଗ୍ ସିଲ୍‌ସିଲା ଭାବରେ ସାଉଥଅଲ ଠାରେ ନିଯୁକ୍ତ ହୋଇଥିଲେ । କୁହାଯାଏ ଯେ, ସେହି ଦିନମାନଙ୍କରେ ସ୍ୱର୍ଗତ ରହେମାନୀ ସାହେବ ସାଉଥଅଲର ସଦର୍ ଜମାଅତ୍ ଥିଲେ । ମିଶନ୍ ହାଉସର ରକ୍ଷଣାବେକ୍ଷଣ ଓ ଯତ୍ନ ନିଜ ଘର ପରି କରୁଥିଲେ। ସେ ଅଧିକାଂଶ ସମୟ ମିଶନ ହାଉସରେ ହିଁ ଅତିବାହିତ କରୁଥିଲେ । ମିଶନ ହାଉସକୁ ପରିଷ୍କାର ପରିଚ୍ଛନ ରଖିବାର କାର୍ଯ୍ୟ ମଧ୍ୟ ସେ କରୁଥିଲେ । ମିଶନ ହାଉସର ଚଉଡ଼ିକରଣ (ପ୍ରଶସ୍ତିକରଣ) ମଧ୍ୟ ତାଙ୍କରି କାର୍ଯ୍ୟକାଳରେ ହୋଇଥିଲା। ଅତ୍ୟନ୍ତ ଶିଷ୍ଟ ଏବଂ ସଭ୍ୟ ଓ ସଜ୍ଜନ ବ୍ୟକ୍ତି ଥିଲେ । ପ୍ରତ୍ୟେକ ବଡ଼ ସାନଙ୍କ ସହିତ ପ୍ରେମ ଓ ଅନ୍ତରୀକତାର ସହିତ ସାକ୍ଷାତ୍ କରୁଥିଲେ ଏବଂ ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ । ଜମାଅତ୍‌ର ପଇସାକୁ ସଞ୍ଚୟ କରୁଥିଲେ ଏବଂ ଅତ୍ୟନ୍ତ ନିଃସ୍ୱାର୍ଥପର ବ୍ୟକ୍ତି ଥିଲେ । ତାଙ୍କର ଯେଉଁ ବିଶେଷ ଗୁଣାବଳୀ ବର୍ଣ୍ଣିତ ହୋଇଛି ତନ୍ମଧ୍ୟରେ ଗୋଟିଏ ବିଶେଷ ସୁଗୁଣ ଏହିକିଯେ, ଅତ୍ୟନ୍ତ ବିନୀତତା ଓ ବିନମ୍ରତା, ଖିଲାଫତ୍ ସହିତ ବିଶ୍ୱସ୍ତତାମୂଳକ ସଂପର୍କ ଥିଲା । ଏହି ବିଶ୍ୱସ୍ତତାରେ ସେ ଆଗୁଆ ରହୁଥିଲେ। ଏପରି ଖୁବ୍ ସ୍ୱଚ୍ଛ ଲୋକ ଅଟନ୍ତି ଯେଉଁମାନେ ଏପରି ଗୁଣାବଳୀର ଅଧିକାରୀ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ସନ୍ତାନ ସନ୍ତାନ ସନ୍ତତିଙ୍କୁ ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ଓ ଆପଣାଇବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

ହୁଜୁର ଅନୱର୍ ଅ.ବ କହିଲେ ରହେମାନୀ ସାହେବଙ୍କର ଏହି ଯନାଜାଃ ଯନାଜାଃ ହାଜିର୍ ଅଟେ ଓ ଜୁମା ପରେ **ଇନ୍‌ଶାଅଲ୍ଲାଃ** ଯନାଜାଃ ପାଠ କରାଯିବ । ତତ୍‌ସହିତ କେତେକ ଯନାଜାଃ ଗାଏବ ମଧ୍ୟ ରହିଛି । ତନ୍ମଧ୍ୟରୁ କେତେକ ଯନାଜାଃ ଗାଏବ୍ ମଧ୍ୟରୁ ପ୍ରଥମ ଯନାଜାଃ ହେଲା ତାହିର ମୁହମ୍ମଦ ଆଗ୍ ସାହେବଙ୍କର । ସେ ମେହୀଦଆବାଦ୍, ଡୋରି, ବୁର୍କିନାଫାସୋର ଅଧିବାସୀ ଅଟନ୍ତି । ବିଗତ ଦିନରେ ତାଙ୍କର ବିୟୋଗ ହୋଇଯାଇଛି । انا لله وانا اليه راجعون । ମୃତ୍ୟୁ ବେଳକୁ ତାଙ୍କୁ 44 ବର୍ଷ ବୟସ ହୋଇଥିଲା । ମିଶ୍ନାରୀ ଇନ୍‌ଚାର୍ଜ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ତାହିର ସାହେବ 1999 ମସିହାରେ ବୈଅତ୍ କରିବାକୁ ସୌଭାଗ୍ୟ ଅର୍ଜନ କିରଥିଲେ । କିନ୍ତୁ ସେ ବୈଅତ୍ କରି ନଥିଲେ । ପୁନଶ୍ଚ 19 ବର୍ଷ ବୟସରେ ଗୋଡ଼ରେ ଯନ୍ତ୍ରଣା ହେଲା ଓ ସେ ୱାଗ୍ଡ଼ୋଗୋକୁ ଚିକିତ୍ସା ନିମନ୍ତେ ଗଲେ । ନିଜ ଅସୁସ୍ଥ ସମୟରେ ବହୁତ ଦୁଆ କଲେ, କହିଲେ ହେ ଅଲ୍ଲାଃଲ ! ମୋତେ ସତ୍‌ମାର୍ଗ ପ୍ରଦାନ କର । ଯଦି ଅହେମଦିୟତ୍ ସତ୍ୟ ଅଟେ ତେବେ ତୁମ୍ଭେ ମୋର ମାର୍ଗଦର୍ଶନ କର । ଯୁବ ବୟସରେ ଏହି ଇଚ୍ଛା ଥିଲା ଯେ, ଧର୍ମ ସଂପର୍କରେ ଅଧିକ ଜ୍ଞାନ ପ୍ରାପ୍ତ ହେଉ । ତେଣୁ ଏଥି ନିମନ୍ତେ ସେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲେ । ଚିକିତ୍ସା ସମୟରେ ନାନ ସ୍ୱପ୍ନ ଯୋଗୁଁ ସେ ସନ୍ତୁଷ୍ଟ ହୋଇଥିଲେ ଏବଂ ଫେରିଆସି ବୈଅତ୍ କରିନେଲେ । ପୁନଶ୍ଚ ସେ ଜମାଅତ୍‌ର ସିଲେଇ ସେଣ୍ଟରରୁ ହିଁ ସିଲେଇ କାର୍ଯ୍ୟ ଶିଖିନେଲେ ଓ ଏହାକୁ ହିଁ ନିଜର ବୃତ୍ତି ବେଉଷା ଏବଂ ଜୀବନ ଧାରଣର ମାଧ୍ୟମ ରୂପେ ବରଣ କରିନେଲେ । ଏହି ଇଦୁଲ ଫିତର୍ ପର୍ବ ଅବସରରେ ଶୋହଦାର ଯେଉଁ ପରିବାର ରହିଥିଲା, ବୁର୍କିନାଫାସେର ଯେଉଁ ଶୋହଦା ରହିଥିଲେ ସେମାନଙ୍କର ବସ୍ତ୍ର ସିଲେଇ କରିବାର ଥିଲା । କୌଣସି ଦରଜି କାମ ନେବାକୁ ପ୍ରସ୍ତୁତ ନଥିଲା । ଯେତେବେଳେ ସେଠାକାର ମୁବଲ୍ଲିଗ୍ ସାହେବ (ରାନା ଫାରୁକ୍ ସାହେବ) ତାଙ୍କୁ ପଚାରିଲେ ସେତେବେଳେ ସେ ହଁ କହିଥିଲେ । ସ୍ୱାମୀ ସ୍ତ୍ରୀ ଦିନ ରାତି କାମ କରି 70 ଜଣ ବ୍ୟକ୍ତିଙ୍କର ବସ୍ତ୍ର ଇଦ୍ ପୂର୍ବରୁ ସିଲେଇ କରି ପ୍ରେରଣ କରିଦେଲେ । ତାହିର୍ ସାହେବଙ୍କୁ ତବ୍‌ଲିଗ୍ କରିବାର ବଡ଼ ଅଭିରୁଚି ରହିଥିଲା ଏବଂ ଅତ୍ୟନ୍ତ ଶିଷ୍ଟ ଓ ଶାଳୀନ ବାର୍ତ୍ତାଳାପ କରୁଥିଲେ । ଯଦିଏ ସ୍ୱଚ୍ଛ ଶିକ୍ଷା ଆହରଣ କରିଥିଲେ କିମ୍ବା ଶିକ୍ଷିତ ନଥିଲେ କିନ୍ତୁ ଫ୍ରେଞ୍ଚ ଭାଷା ବହୁତ ଭଲ ଭାବରେ କହୁଥିଲେ । କ୍ୟାନ୍‌ସର ଯୋଗୁଁ ତାଙ୍କର ଗୋଟିଏ ଗୋଡ଼ ଆଣ୍ଠୁ ଉପର ପର୍ଯ୍ୟନ୍ତ କଟା ଯାଇଥିଲା । କିଛି ଦିନ ପୂର୍ବେ ହଠାତ୍ ପୁନର୍ବାର ଯନ୍ତ୍ରଣା ହେଲା । ଅର୍ଥାତ୍ ଯେଉଁ ପର୍ଯ୍ୟନ୍ତ ଗୋଡ଼ କଟାଯାଇଥିଲା ତାହା ପୁଣି ଫୁଲି ଯାଇଥିଲା । କିନ୍ତୁ ଦେଶର ପରିସ୍ଥିତି ଯଦିଓ ଠିକ୍ ନାହିଁ, ମାର୍ଗ ବନ୍ଦ ରହିଛି, ୱଗାଡ଼ୋ ଠାରେ ଯେଉଁଠି ବଡ଼ ହସ୍ପିଟାଲ ରହିଛି ସେଠାକୁ ଯାଇପାରୁ ନଥିଲେ । ତେବେ ସେ ସେହିଠାରେ ହିଁ ସ୍ଥାନୀୟ ହସ୍ପିଟାଲ୍‌ରେ କିଛି ଦିନ ରହିଲେ ଓ ସେହିଠାରେ ହିଁ ସେ ମୃତ୍ୟୁବରଣ କଲେ ।

ସେ ଯେବେଠାରୁ ଅହେମଦି ହୋଇଥିଲେ ତବ୍‌ଲିଗ୍ କରିବାରୁ ଗଭୀର ଅଭିରୁଚି ରହିଥିଲା । ସର୍ବଦା କୌଣସି ନା କୌଣସି ବାଟ ବାହାର କରି ନେଉଥିଲେ । ସ୍ମାର୍ଟ ଫୋନ୍ ଗ୍ରାହକ ତ' ନିଜର ଇମାମ୍ ଅଲହାଜ୍ ଇବ୍ରାହିମ ବିଦଗା ସାହେବଙ୍କୁ କହୁଥିଲେ ଯେ, ସ୍ମାର୍ଟଫୋନରେ ତବଲିଗ୍ ରେକର୍ଡ଼ କରି ଲୋକମାନଙ୍କୁ ସନ୍ଦେଶ ପ୍ରେରଣ କରନ୍ତୁ । ସୁତରାଂ ସେ ଏହିପରି ତବଲିଗ୍ କରୁଥିଲେ । ସେ ଏହାର ଖର୍ଚ୍ଚ ମଧ୍ୟ ସ୍ୱୟଂ ସହ୍ୟ କରୁଥିଲେ । ଶୋକ ସନ୍ତପ୍ତ ପରିବାର୍ ବର୍ଗ ମଧ୍ୟରେ ତାଙ୍କର ଦୁଇ ପତ୍ନି ରହିଛନ୍ତି ଏବଂ ପାଞ୍ଚଜଣ କନ୍ୟା ସନ୍ତାନ ମଧ୍ୟ ରହିଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ ଏବଂ ସ୍ୱର୍ଗତ ପିତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସେମାନଙ୍କର ସନ୍ତାନ ସନ୍ତତିଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ଓ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ଆମିନ୍ ।

ପରବର୍ତ୍ତୀ ଯନାଜାଃ ହେଉଛି ଖ୍ୱାଜା ଦାଉଦ୍ ଅହେମଦ ସାହେବଙ୍କର। ସ୍ୱର୍ଗତଙ୍କର ବିୟୋଗ ମେ ମାସ 25 ତାରିଖ ଦିନ 80 ବର୍ଷ ବୟସରେ ହୋଇଥିଲା انا لله وانا اليه راجعون। ଖ୍ୱାଜା ଫୁହଦା ଅହେମଦ ସାହେବ ନାମକ ତାଙ୍କର ଜଣ ସୁପୁତ୍ର କ୍ୟାରୀବାସରେ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସେ କହନ୍ତି ଯେ, ଆମ ବଂଶରେ ଅହେମଦିୟତ୍ ଖ୍ୱାଜା ଅହେମଦ୍ ଦିନଙ୍କ ପୁତ୍ର ଓ ମୋର ଦଦା ଖ୍ୱାଜା ଅବ୍‌ଦୁଲ୍ ଲତିଫ୍ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ସେ କୁହନ୍ତି ମୋର ଦଦାଶ୍ରୀ ପିତାଶ୍ରୀଙ୍କ ତତ୍ତ୍ୱାବଧାନରେ ପାଳିତ ହୋଇ 1917 ମସିହାରେ ପ୍ରାୟ 11 ବର୍ଷ ବୟସରେ ସିଲ୍‌ସିଲାର ବୈଅତ୍ କରିଥିଲେ ଓ ସେ ନିଜର ସମସ୍ତ ଭାଇ ଏବଂ ଭଉଣୀଙ୍କ ମଧ୍ୟରେ ଏକମାତ୍ର ଅହେମଦି ଥିଲେ । କାନାଡ଼ାରେ ଦୀର୍ଘକାଳ ଧରି ତାଙ୍କୁ ଜମାଅତ୍‌ର ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ପ୍ରଥମେ ପାକିସ୍ତନରେ ଇସ୍‌ଲମାବାଦ୍ ଜମାଅତ୍‌ରେ ତାଙ୍କୁ ଅନେକ କାଳ ଧରି ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । 1974 ମସିହାରେ ଇସଲାମାବାଦ୍‌ର କାଏଦ୍ ମଜଲିସ୍ ଖୁଦାମୁଲ୍ ଅହେମଦିୟା ଭାବରେ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ପାକିସ୍ତାନ ଆସେମ୍ବଲୀରେ ଆଗମନ ଅବସରରେ ମଧ୍ୟ ତାଙ୍କୁ ସେବା କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ଏ ସନ୍ଦର୍ଭରେ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ତାଙ୍କ ସଂପର୍କରେ ପ୍ରସନ୍ନତାର ପରିପ୍ରକାଶ ମଧ୍ୟ ବ୍ୟକ୍ତ କରିଥିଲେ । ବୃତ୍ତିଗତ ଦୃଷ୍ଟିରୁ ସେ ସିଭିଲ୍ ଇଞ୍ଜିନିୟର ତିଲେ । ଖିଲାଫତ୍ ପ୍ରତି ତାଙ୍କର ଗଭୀର ଆନ୍ତରୀକତା ତଥା ପ୍ରେମ ଥିଲା । ଜମାଅତୀୟ ସେବାକୁ ସେ ଅତ୍ୟନ୍ତ ଉତ୍ତମ ଢଙ୍ଗରେ ସମ୍ପାଦନ କରିବା ନିମନ୍ତେ ସର୍ବଦା ତତ୍ପର ରହୁଥିଲେ। ମୃତ୍ୟୁ ସମୟରେ ସ୍ଥାନୀୟ ସେଣ୍ଟରରେ ଥିଲେ । ଜମାଅତ୍‌ର ମଜ୍‌ଲିସେ ଆମିଲାର ମିଟିଂରେ ଥିଲେ। ଘରକୁ ଯିବା ପାଇଁ ବାହାରୁଥିଲେ କି କିଛି ସମୟ ପୂର୍ବେ ଛାତିରେ ଯନ୍ତ୍ରଣାର ଲକ୍ଷଣ ଅନୁଭୂତ ହେଲା ଏବଂ କିଛି ମିନିଟ ମଧ୍ୟରେ ହିଁ ପରମାତ୍ମାଙ୍କ ନିକଟରେ ହାଜର ହୋଇଗଲେ । انا لله وانا اليه راجعون । ସ୍ୱର୍ଗତ ଖ୍ୱାଜା ସାହେବ ଓସିୟତ୍

### ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢ଼ୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାହିହ )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ପତ୍ନୀଙ୍କ ବ୍ୟତୀତ ଚାରିଜଣ ପୁତ୍ର ଓ ଏକମାତ୍ର କନ୍ୟା ସନ୍ତାନ ସାମିଲ ଅଛନ୍ତି । ଯେପରିକି ମୁଁ କହିଲି କି ତାଙ୍କର ଗୋଟିଏ ପୁତ୍ର ୱକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ଅଟନ୍ତି ଏବଂ କ୍ୟାରୀବାସ୍‌ରେ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସେଠାରେ ଜଲ୍‌ସା ଏବଂ ଜମାଅତୀୟ କାର୍ଯ୍ୟକ୍ରମରେ ବ୍ୟସ୍ତ ରହିବା ହେତୁ କାନାଡ଼ା ଆସି ପାରିଲେ ନାହିଁ ଏବଂ ପିତାଶ୍ରୀଙ୍କ ଯନାଜାଃ ସାମିଲ୍ ହୋଇପାରିଲେ ନାହିଁ । ଅଲ୍ଲାଃତାଲା ତାଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ।

ପରବର୍ତ୍ତୀ ଚର୍ଚ୍ଚା ହେଲା ସମ୍ମାନନୀୟ ସୟେଦ୍ ତନ୍‌ୱୀର ଶାହ୍ ସାହେବଙ୍କର । ସେ ମଧ୍ୟ କାନାଡ଼ାର ସିସ୍କାଟୁନର ଅଧିବାସୀ ବା ନାଗରିକ ଅଟନ୍ତି । ବିଗତ ଦିନ ପାରାଗୁଏ ଠାରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । اناللہ واناالیہ راجعون । ସେଠାରେ ସେ ୱକ୍‌ଫେ ଆର୍ଜି ସକାଶେ ଯାଇଥିଲେ । ତାଙ୍କର ମଧ୍ୟ ଗୋଟିଏ ପୁତ୍ର ସନ୍ତାନ ଅଛି ଯାହାଙ୍କର ନାମ ହେଲା ସୟେଦ୍ ରିଜା ଶାହ୍ ସାହେବ । ସେ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ତନ୍‌ୱୀର୍ ଶାହ୍ ସାହେବଙ୍କର ମାତାଶ୍ରୀ ଫର୍ଖ ଖାନମ୍ ସାହେବା ତୁର୍କିସ୍ତାନରୁ ନିଜର ଭାଇ ହାଜି ଜୁନୁଦୁଲ୍ଲାଃ ଓ ନିଜର ମାତାଶ୍ରୀଙ୍କ ସହିତ କାଦିଆନ୍ ବୈଅତ୍ କରିବା ନିମନ୍ତେ ଆସିଥିଲେ । ସ୍ୱର୍ଗତଙ୍କର ସୁପୁତ୍ର ଉଲ୍ଲେଖ କରନ୍ତି ଯେ, ମୋର ଦଦା ସୟେଦ୍ ବଶୀର୍ ଶାହ୍ ସାହେବ ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ହ. ସୟେଦ୍ ଅବ୍‌ଦୁସ୍ ସତ୍ତାର୍ ଶାହେ ସାହେବଙ୍କ ନାତି ଥିଲେ । ଏହିପରି ତାଙ୍କର ହ. ଉମ୍ମେ ତାହିର ସାହେବଙ୍କ ସହିତ ସଂପର୍କ ମଧ୍ୟ ରହିଥିଲା । ସ୍ୱର୍ଗତ ଜମାଅତ୍‌ର ଅତ୍ୟନ୍ତ ବିଶ୍ୱସ୍ତ ସଦସ୍ୟ ଥିଲେ । ତନ୍‌ୱିର୍ ଶାହ୍ ସାହେବ ସର୍ବଦା ଜମାଅତ୍‌ର ସେବା କରିବା ନିମନ୍ତେ ପ୍ରସ୍ତୁତ ରହୁଥିଲେ । ତାଙ୍କର ସୁପୁତ୍ର ଉଲ୍ଲେଖ କରନ୍ତି ଯେ, ଜମାଅତ୍‌ର କାର୍ଯ୍ୟକ୍ରମରେ ଆମମାନଙ୍କୁ ଅବଶ୍ୟ ନେଇଯାଉଥିଲେ ଓ ପ୍ରତ୍ୟେକ ଶୁକ୍ରବାର ଦିନ ନିୟମିତ ସ୍କୁଲରୁ ଛୁଟି କରାଇ ଜୁମା ପାଇଁ ନେଇଯାଉଥିଲେ । ଆର୍ଥିକ ବଳିଦାନକୁ ସେ ବହୁତ ଗୁରୁତ୍ୱ ଦେଉଥିଲେ । ଦରମାରୁ ଗୋଟିଏ ଅଂଶ ସର୍ବଦା ଆର୍ଥିକ ବଳିଦାନ ପାଇଁ କାଢୁଥିଲେ ଏବଂ ଘର ପରିବାରର ସଦସ୍ୟବୃନ୍ଦଙ୍କୁ ଏବଂ ଜମାଅତ୍‌ର ଲୋକମାନଙ୍କୁ ମଧ୍ୟ ଏହିପରି କରିବା ନିମନ୍ତେ ପ୍ରବର୍ତ୍ତାଉଥିଲେ। ତବ୍‌ଲିଗ୍ କରିବାର ତାଙ୍କୁ ବହୁତ ଶୌକ୍ (ଅଭିରୁଚି) ଥିଲା । ଅନେକ ସମୟରେ ଏହା କହୁଥିଲେ ଯେ, କିପରି ଆମମେମାନେ ଜମାଅତ୍‌ରେ ଭଲ ତବ୍‌ଲିଗ୍ କରିପାରିବୁ । ପାରାଗୁଏରେ ମଧ୍ୟରେ ଆନନ୍ଦର ସହିତ ସେ କହିଲେ ଯେ, ତାଙ୍କର ଉପସ୍ଥିତିରେ ଦୁଇଟି ବୈଅତ୍ ମଧ୍ୟ ହୋଇଥିଲା । ସେ ବହୁଳ ଭାବରେ ମିତବ୍ୟୟତା ମଧ୍ୟ ଅବଲମ୍ବନ କରୁଥିଲେ । କେବେ ବି ଧନ ସମ୍ପତ୍ତିର ଅଭିଳାଷୀ ନଥିଲେ ଓ ନା ହିଁ ଏଥିପ୍ରତି କେବେ ବି ସେ ଏଥିପ୍ରତି ଆଶାବାଦୀ ଥିଲେ । ବରଂ ଅଲ୍ଲାଃତାଲା ତାଙ୍କୁ ଯାହାକିଛି ଦେଇଥିଲେ ସେ ତାହା ଉପରେ ପ୍ରସନ୍ନ ଓ ସନ୍ତୁଷ୍ଟ ଥିଲେ । ଅଲ୍ଲାଃତାଲାଙ୍କର ଉପରେ ତାଙ୍କର ଗଭୀର ଆସ୍ଥା ତଥା ବିଶ୍ୱାସ ରହିଥିଲା। ସେ କହୁଥିଲେ ଯେ, ଯାହା ବି ଆବଶ୍ୟକତା ରହିଛି ଅଲ୍ଲାଃତାଲା ତାହାକୁ ପୂରଣ କରିଦେବେ ଏବଂ ଯେତେବେଳେ ବି କୌଣସି ସମସ୍ୟା ଆସୁଥିଲା ସେତେବେଳେ ସେ କହୁଥିଲେ ଯେ, ଦୁଆ କର ଅଲ୍ଲାଃତାଲା ସବୁ ସମ୍ଭାଳି ନେବେ ଏବଂ ଅଲ୍ଲାଃତାଲା ସମ୍ଭାଳି ମଧ୍ୟ ନେଉଥିଲେ । ତାଙ୍କର ସୁପୁତ୍ର କୁହନ୍ତି, ମୋତେ ବାରମ୍ବାର କହୁଥିଲେ ଯେ, ଜଣେ ମୁବଲ୍ଲିଗ୍ ହିସାବରେ ତୁମେ ନିଜର କର୍ତ୍ତବ୍ୟକୁ ବୁଝ ଓ ନିଷ୍ଠାପର ହୋଇ କାର୍ଯ୍ୟ ସମ୍ପାଦାନ କର । ତାଙ୍କର ପତ୍ନୀ କୁହନ୍ତି ଯେ, ଦୀର୍ଘ 39 ବର୍ଷ ପର୍ଯ୍ୟନ୍ତ ମୋର ସ୍ୱାମୀଙ୍କ ସହିତ ସଂପର୍କ ରହିଥିଲା ଓ ମୁଁ ତାଙ୍କ ଠାରେ କୌଣସି ଦୋଷଦୁର୍ବଳତା ଅବଲୋକନ କରି ନଥିଲି । ଉପସ୍ଥି ଖଲିଫାଙ୍କ ସହିତ ତାଙ୍କର ପ୍ରେମ ଓ ବିଶ୍ୱସ୍ତତାର ସଂପର୍କ ଥିଲା । ପିଲାମାନଙ୍କୁ ମଧ୍ୟ ଏଥିପ୍ରତି ଅନୁପ୍ରାଣିତ କରୁଥିଲେ । ସିରାତେ ମୁସ୍ତକିମ୍(ସତ୍‌ମାର୍ଗ)ରେ ନିଜ ଚାଲୁଥିଲେ ଓ ଅନ୍ୟମାନଙ୍କୁ ମଧ୍ୟ ପରିଚାଳିତ ହେବା ନିମନ୍ତେ ଅନୁପ୍ରାଣିତ କରୁଥିଲେ । ସେ କୁହନ୍ତି, ମୋ ଜୀବନରେ କେବେ ବି ମୋର ସ୍ୱାମୀ କୌଣସି ପ୍ରସଙ୍ଗ ସଂପର୍କରେ ଖରାପ ମନ୍ତବ୍ୟ ଦେଇ ନାହାନ୍ତି । ପୁନଶ୍ଚ ଶ୍ୱଶୁର ଘର ସଂପର୍କୀୟଙ୍କର ମଧ୍ୟ ଯତ୍ନ ନେଉଥିଲେ । ସେ କୁହନ୍ତି ଯେ, ମୋର ମାତାଶ୍ରୀ ଯେତେବେଳେ ବି ମୋର ଆବଶ୍ୟକତା ହେଉଥିଲା ସେତେବେଳେ ସେ ପ୍ରସନ୍ନଚିତ୍ତର ସହିତ ତାଙ୍କ ନିକଟରୁ ପ୍ରେରଣ କରି ଦେଉଥିଲେ । ପାରାଗୁଏରୁ ଅବ୍‌ଦୁନ୍ ନୁର ବାତିନ୍ ସାହେବ ଉଲ୍ଲେଖ କରନ୍ତି ଯେ, କାନାଡ଼ାରେ ବିଭିନ୍ନ ପଦ ପଦବୀରେ ତାଙ୍କୁ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । କିନ୍ତୁ ତାଙ୍କ ଠାରେ ଗର୍ବ ଓ ଶ୍ରେଷ୍ଠ ଭାବ ପ୍ରକଟ କରିବାର କୌଣସି ଲକ୍ଷଣ ବିଦ୍ୟମାନ ନଥିଲା। ଜମାଅତ୍‌ର ସେବା କରିବାକୁ ତାଙ୍କ ଠାରେ ପ୍ରବଳ ସ୍ପୃହା ରହିଥିଲା । ଯେଉଁଠି ବି ଯାଉଥିଲେ ଭରପୁର ଢଙ୍ଗରେ ନିଜର କର୍ତ୍ତବ୍ୟକୁ ଶିରୋଧାର୍ଯ୍ୟ ବୋଲି ଅତ୍ୟନ୍ତ ପ୍ରେମର ସହିତ କାର୍ଯ୍ୟ ସମ୍ପାଦନ କରୁଥିଲେ, ସେ କୁହନ୍ତି ଯେ, ତାଙ୍କର ବ୍ୟକ୍ତିତ୍ୱର ପାରାଗୁଏର ଜମାଅତ୍‌ର ଯୁବପିଢୀଙ୍କ ଉପରେ ଗଭୀର ପ୍ରଭାବ ରହିଥିଲା । ଯୁବ ପିଢୀମାନଙ୍କୁ ଧୈର୍ଯ୍ୟ, ଦୟା ଓ ଅତିଥି ସତ୍କାର ଶିଖାଇଥିଲେ ।

ରଜାଏନାର ସଦର୍ ସାହେବ ହବିବୁର୍ ରହେମାନ ସାହେବ କୁହନ୍ତି ଯେ, ଜମାଅତ୍‌ର ଜଣେ ସଚ୍ଚୋଟ ତଥା ନୈଷ୍ଠିକ ସେବକ ଥିଲେ । ମୁଖମଣ୍ଡଳରେ ସର୍ବଦା ହାସ୍ୟ ପରିସ୍ଫୁଟିତ ହେଉଥିଲା । ମୁଁ ତାଙ୍କୁ କେବେ ବି କ୍ରୋଧିତ ହେଉଥିବାର ଦେଖି ନାହିଁ । ଅତ୍ୟନ୍ତ ଦୟାବାନ ଏବଂ ପ୍ରେମ ଦ୍ୱାରା କର୍ମଚାରୀମାନଙ୍କ ଠାରୁ କାମ ଆଦାୟ କରୁଥିଲେ । ସେବା କରିବା ଯୋଗୁଁ ତାଙ୍କୁ କେବେ ବି ଥକାପଣ ବା କ୍ଲାନ୍ତ ଅନୁଭବ ହେଉ ନଥିଲା । ଏପରି ପ୍ରତିତ ହେଉଥିଲା ଯେପରିକି ତାଙ୍କ ଉପରେ ସର୍ବଦା ପ୍ରଭୁଙ୍କ ଠାରୁ ପ୍ରସନ୍ନତା ଏବଂ ଅନୁଗ୍ରହତା ପ୍ରାପ୍ତ କରିବା ନିମନ୍ତେ ନିଶା ସବାର ରହୁଥିଲା । ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ପାରାଗୁଏର ଇଲିୟାସ୍ ଓଲିଓରା ସାହେବ ନାମକ ଜଣେ ବ୍ୟକ୍ତି ଅଟନ୍ତି ସେ କୁହନ୍ତି, ତାଙ୍କ ସହିତ ମୋର ସଂକ୍ଷିପ୍ତ ପରିଚୟ କିଛି କାଳ ପର୍ଯ୍ୟନ୍ତ ଥିଲା । କିନ୍ତୁ ସେହି ସଂକ୍ଷିପ୍ତ ସମୟରେ ସେ ମୋ ପାଇଁ ଏବଂ ମୋର ବନ୍ଧୁ ପରିଜନମାନଙ୍କ ପାଇଁ ତଥା ସେହି ଲୋକମାନଙ୍କ ପାଇଁ ଯେଉଁମାନେ ଇସ୍‌ଲାମ୍ ଧର୍ମରେ ନୂତନ ଅଟନ୍ତି ଏକ ମହାନ ଉତ୍ତରାଧିକାରୀ ଛାଡ଼ି ଯାଇଛନ୍ତି । ଆମେ ତାଙ୍କ ଠାରୁ ହିଁ ଧୈର୍ଯ୍ୟ ଶିକ୍ଷା କରିଥିଲୁ, ଆମେମାନେ ସର୍ବଦା ତାଙ୍କୁ ଜଣେ ସାହାଯ୍ୟକର୍ତ୍ତା, ଦୟାବାନ ଓ ଉତ୍ତମ ସଂପର୍କରକ୍ଷାକାରୀ ବ୍ୟକ୍ତି ରୂପେ ପାଇଥିଲୁ । ସେ ଆମକୁ ଏହି ଶିକ୍ଷା ପ୍ରଦାନ କରିଥିଲେ ଯେ, କାହାରିକୁ କିଛି ଶିଖାଇବା ନିମନ୍ତେ କହିବା ଆବଶ୍ୟକ ନୁହଁ । ବରଂ ବ୍ୟବହାରିକ ସେବା କର, ତେବେ ଏହା ଦ୍ୱାରା ଲୋକମାନେ ଶିକ୍ଷା ପ୍ରାପ୍ତ କିରଥାଆନ୍ତି ଏବଂ ତବ୍‌ଲିଗ୍ ମଧ୍ୟ ହୋଇଯାଇଥାଏ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ତଥା ସାହାସ ପ୍ରଦାନ କରନ୍ତୁ । ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ସେହିପରି ଆଉ ଜଣେ ମୃତକଙ୍କର ଚର୍ଚ୍ଚା ରହିଛି ସେ ହେଉଛନ୍ତି ରାନା ମୁହମ୍ମଦ ଜଫୁଲ୍ଲାଃ ଖାନ୍ ସାହେବ । ସ୍ୱର୍ଗତ ଜଫୁଲ୍ଲାଃ ଖାନ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସ୍ୱର୍ଗତ ମହୋଦୟ ରାନା ଅତାଉଲ୍ଲାଃ ଖାନ୍ ସାହେବଙ୍କର ସୁପୁତ୍ର ଥିଲେ । ଏପ୍ରିଲ୍ ମାସ ଶେଷରେ ତାଙ୍କର ବିୟୋଗ ହୋଇଥିଲା । اناللہ واناالیہ راجعون। ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ଦଦା ଦିନ ସାହେବଙ୍କ ମାଧ୍ୟମରେ ପ୍ରବିଷ୍ଟ ହୋଇଥିଲା । ଦିନ୍ ସାହେବ 1931 ମସିହାରେ ହ. ମୁସ୍‌ଲେହ୍ ମଉଦ୍ ର.ଅଙ୍କ ହସ୍ତରେ ବୈଅତ୍ କରିଥିଲେ । ବୈଅତ୍ କରିବା ପରେ ଆପଣଙ୍କର ଘୋର ବିରୋଧ ହୋଇଥିଲା ଏବଂ ସେହି ବିରୋଧ ଯୋଗୁଁ କେତେକ ସଂପର୍କୀୟ ମୁର୍ତ୍ତଦ୍ (ଜମାଅତ୍‌ରୁ ଫେରି ଯାଇଥିଲେ) ହୋଇଯାଇଥିଲେ । କିନ୍ତୁ ଆପଣ ଅହେମଦିୟତ୍ ଉପରେ ଅବିଚଳତା ପ୍ରଦର୍ଶନ କଲେ ଏବଂ ଧର୍ମପ୍ରଚାର କରୁଥିଲେ । ରାନା ଜଫୁଲ୍ଲାଃ ସାହେବ 1987 ମସିହାରେ ଯାମିଆ ପାସ୍ କରିଥିଲେ । ଏତଦ୍‌ପରେ ଅହରହ 36 ବର୍ଷ ପର୍ଯ୍ୟନ୍ତ ତାଙ୍କୁ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା। ତାଙ୍କର ସେବାର ଅଧିକାଂଶ ସମୟ କର୍ମଭୂମିରେ ବିଭିନ୍ନ ଅଞ୍ଚଳରେ ଜଣେ ମୁବଲ୍ଲିଗ୍ ହିସାବରେ ଅତିବାହିତ ହୋଇଥିଲା ।

ସୟେଦ୍ ନେମତୁଲ୍ଲାଃ ଆଫ୍‌ଗାନୀ ସାହେବ ଯେକି ଆଜି କାଲି ଘାନାର ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି । ସେ କୁହନ୍ତି ଯେ, ଅଟିନି ପାୟାନ୍ ପେଶାୱର ଠାରେ ଯେଉଁଠି ଆମେମାନେ ଆଫଗାନିସ୍ତାନ ଠାରୁ ପ୍ରବାସ କରି ଆସିଥିଲୁ ସେଠାରେ ଏହି ମୁବଲ୍ଲିଗ୍ ସାହେବ ରହୁଥିଲେ । 1999ରୁ 2000 ମସିହାର କଥା ଅଟେ । ରାନା ଜଫୁଲ୍ଲାଃ ସାହେବ ଅତ୍ୟନ୍ତ ସରଳ ସ୍ୱଭାବ ଏବଂ ବିନୀତ ତଥା ସାଧୁ ସ୍ୱଭାବ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଅତ୍ୟନ୍ତ ପରିଶ୍ରମୀ, ପ୍ରେମକାରୀ ଓ ନିଷ୍ଠାବାନ ବ୍ୟକ୍ତି ଥିଲେ । ଆଫଗାନିସ୍ତାନର ଜମାଅତ୍ ଉପରେ ମୁବଲ୍ଲିଗ୍ ସାହେବଙ୍କର ଅନେକ ଉପକାର ରହିଛି । କୁହନ୍ତି ଯେ, ଆମ ତିନିଜଣ ମୁବଲ୍ଲିଗଙ୍କୁ ରାନା ସାହେବଙ୍କ ଯୋଗୁଁ ମୁବଲ୍ଲିଗ୍ କରିଦେଲେ ।

ସ୍ୱର୍ଗତ ରାନା ଜଫୁଲ୍ଲାଃ ସାହେବ ଅତ୍ୟନ୍ତ ସହାନୁଭୂତି ପ୍ରଦର୍ଶନକାରୀ ବ୍ୟକ୍ତି ଥିଲେ । ଲୁଚି ଅଭାବି ବ୍ୟକ୍ତିମାନଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କର ପତ୍ନି କୁହନ୍ତି ଯେ, ସ୍ୱାମୀଙ୍କ ବିୟୋଗ ଖବର ଶୁଣି ଅନେକ ମହିଳା ଓ ପୁରୁଷ ଲୋକମାନେ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

### ନବୀ ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya
Kerang, Darul Fazal (Odisha)

ଶୋକ ବ୍ୟକ୍ତି କରିବା ନିମନ୍ତେ ଘରକୁ ଆସିଥିଲେ ଆମମାନଙ୍କ ମଧ୍ୟରୁ ସେମାନଙ୍କୁ କେହି ବି ଚିହ୍ନି ନଥିଲା ଯେ, ସ୍ୱର୍ଗତ ସ୍ୱାମୀ ଏମାନଙ୍କୁ ସାହାଯ୍ୟ କରିଛନ୍ତି । ତାହା ଏଇଥିପାଇଁ ସେମାନେ (ସାହାଯ୍ୟ ପ୍ରାପ୍ତକର୍ତ୍ତା) ଚିନ୍ତିତ ଥିଲେ ଯେ, ମୁବଲ୍ଲିଗ୍ ସାହେବ ଆମମାନଙ୍କର ଖର୍ଚ୍ଚ ଧାର୍ଯ୍ୟ କରିଥିଲେ ଓ ନିଜର ଆତ୍ମୀୟ ସ୍ୱଜନ ତଥା ସଂପର୍କୀୟ ଓ ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ନେଇ ସେହି ଅଭାବି ଦରିଦ୍ର ଲୋକମାନଙ୍କୁ ସାହାଯ୍ୟ କରୁଥିଲେ । ସେମାନେ କହୁଥିଲେ ଯେ, ମୁବଲ୍ଲିଗ୍ ସାହେବଙ୍କ ବିୟୋଗ ପରେ ଆମମାନଙ୍କର କ'ଣ ହେବ ? ରାନା ଜଫ୍ରୁଲ୍ଲାଃ ସାହେବଙ୍କର ଜ୍ୱାଇଁ ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି, ସେ କୁହନ୍ତି, ମୁଁ ରାନା ଜଫ୍ରୁଲ୍ଲାଃ ଖାନଙ୍କ ପରି ଖୁବ୍ କମ୍ ବ୍ୟକ୍ତି ଦେଖିଛି । କାରଣ ସେ ନିଃସ୍ୱାର୍ଥପର ଓ ପରୋପକାରୀ ବ୍ୟକ୍ତି ଅଟନ୍ତି । ମୁଁ ତାଙ୍କ ଠାରେ କୌଣସି ପ୍ରକାରର ଅହଂଭାବ ଏବଂ ଅହଂକାର ଦେଖି ନାହିଁ । ଅନ୍ୟ ବ୍ୟକ୍ତି ଭୁଲ ହେଉ ପଛେ କ୍ଷମାଦାନ କରିବାରେ ସେ ସର୍ଦବା ଆଗ ଉଦ୍ୟମ କରୁଥିଲେ। ଅତ୍ୟନ୍ତ ଭଲ ପାଉଥିବା ବ୍ୟକ୍ତି, ସର୍ବଦା ଅନ୍ୟମାନଙ୍କୁ ସାହାଯ୍ୟ କରୁଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ମାତା ଓ ପତ୍ନିଙ୍କ ବ୍ୟତୀତ ତିନିଜଣ କନ୍ୟା ସନ୍ତାନ ସାମିଲ୍ ଅଟନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କର ପୁଣ୍ୟାବଳୀକୁ ଅବ୍ୟାହତ ରଖିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

☆ ☆ ☆

## ବିଗତ ସଂଖ୍ୟା-7-8 ଓ ପୃ-24ରେ ପ୍ରକାଶିତ ହ. ଖଲିଫା ସାନି ର.ଅଙ୍କ ପ୍ରଶ୍ନୋତ୍ତରର ଅବଶିଷ୍ଟାଂଶ.....

لہٗ خسف القمر المنیر وان

لی خسفنا القمران المشرقان

ଅର୍ଥାତ୍ ରସୁଲ୍ କରୀମ୍ ସ.ଅଙ୍କ ସକାଶେ କେବଳ ଚନ୍ଦ୍ର ପରାଗ ହୋଇଥିଲା । କିନ୍ତୁ ମୋ ପାଇଁ ସୂର୍ଯ୍ୟ ଓ ଚନ୍ଦ୍ର ଉଭୟଙ୍କୁ ଗ୍ରହଣ ଲାଗିଥିଲା ?

ଉତ୍ତର- ଉକ୍ତ କବିତାରେ କେବଳ ହଦିସେ ନବୱୀ ଆଡ଼କୁ ଇଙ୍ଗିତ କରିବା ଅଭିପ୍ରାୟ ରହିଛି । ଉକ୍ତ କବିତାରେ ଏହା କୁହାଯାଇଛି ଯେ, ମେହ୍‌ଦୀ ସମୟରେ ରମ୍‌ଜାନ୍ ମାସରେ ସୂର୍ଯ୍ୟ ଓ ଚନ୍ଦ୍ର ଉଭୟକୁ ଗ୍ରହଣ ଲାଗିବ ।

ପ୍ରଶ୍ନ- କ'ଣ ଆପଣ କେବେ ସାଧାରଣ ମୁସଲମାନମାନଙ୍କୁ ଅବୁ ଜହଲ୍ ବୋଲି ସମ୍ବୋଧିତ କରିଛନ୍ତି ଓ ନିଜର ଜମାଅତ୍‌କୁ ସଂଖ୍ୟାଲଘୁ ବୋଲି ବିବେଚିତ କରିଛନ୍ତି କି ?

ଉତ୍ତର- ଏହା ସଠିକ୍ ନୁହେଁ ଯେ, ମୁଁ ସାଧାରଣ ମୁସଲମାନମାନଙ୍କୁ ଅବୁ ଜହଲ ବୋଲି ବିବେଚିତ କରିବି । କିନ୍ତୁ ପ୍ରକୃତ ପ୍ରସଙ୍ଗ ଏହିକିଯେ, ଆମର ଜମାଅତ୍ ସଂଖ୍ୟା ଦୃଷ୍ଟିରୁ ଅତି ସ୍ୱଳ୍ପ ସଂଖ୍ୟକ ଅଟେ ।

**(ଅଲ୍‌ଫଜଲ୍ 21 ଫେବୃୟାରୀ 1954 ମସିହାରୁ ଉଦ୍ଧୃତ)**

☆ ☆ ☆

## ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସଂପର୍କିତ ଭବିୟଷ୍ୟବାଣୀର ବ୍ୟାପକତା, ମହନୀୟତା ଏବଂ ତାହାର ବୈଶିଷ୍ଟତାର ବିଶ୍ୱାସବର୍ଦ୍ଧ ଚର୍ଚ୍ଚା । ହୁଜୁର ଅନୱର୍ ଅ.ବଙ୍କ ଦ୍ୱାରା ପ୍ରଦତ୍ତ ଖୁତବା ଜୁମା 21-2-20ର ମୁଖ୍ୟ ବିନ୍ଦୁ

ଜମାଅତ୍ ଅହମଦିୟାରେ ୨୦ ଫେବୃୟାରୀର ଦିନ ମୁସ୍‌ଲେହ ମଉଦ୍ ର.ଅଙ୍କ ଭବିଷ୍ୟବାଣୀର ଦିବସକୁ ବିଶେଷ ରୂପେ ସ୍ମରଣ କରାଯାଇଥାଏ ଏବଂ ଜମଆତ୍‌ମାନଙ୍କରେ ମଧ୍ୟ ଏହି ଦିନ ଜଲ୍‌ସାର ଆୟୋଜନ କରାଯାଇଥାଏ। ୟୋମେ ମୁସ୍‌ଲେହ୍ ମଉଦ୍ ହଜ଼ରତ ଖଲିଫତିଲ୍ ମସିହ୍ ସାନି ର.ଅଙ୍କ ଜନ୍ମ ତାରିଖର ସ୍ମୃତିରେ ପାଳନ କରାଯାଏ ନାହିଁ ବରଂ ଏକ ଭବିଷ୍ୟବାଣୀର ପୂର୍ଣ୍ଣ ହେବା ଉଦ୍ଦେଶ୍ୟରେ ବା ସ୍ମୃତିରେ ପାଳନ କରାଯାଇଥାଏ । ହଜ଼ରତ ମସିହ ମଉଦ୍ ଅ.ସ ଏହିପରି ଭବିଷ୍ୟବାଣୀ ଯାହା ଇସ୍‌ଲାମ୍‌ର ଶ୍ରେଷ୍ଠତା ଓ ସତ୍ୟତାକୁ ପ୍ରମାଣିତ କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଅଲ୍ଲାଃତାଲାଙ୍କ ଐଶୀବାଣୀ ଅନୁଯାୟୀ କରିଥିଲେ । ଯାହା ହଜ଼ରତ ମୁସ୍‌ଲେହ ମଉଦ୍ ର.ଅଙ୍କ ଜନ୍ମ ଠାରୁ ତିନି ବର୍ଷ ପୂର୍ବେ କରାଯାଇଥିଲା। ଯହିଁରେ ଜଣେ ଇସ୍‌ଲାମ୍‌ର ସେବକ, ପ୍ରତିଶୃତ ପୁତ୍ର, ଜନ୍ମ ଗ୍ରହଣ କରିବାର ସମ୍ବାଦ ଉଲ୍ଲେଖ ରହିଥିଲା । ଯାହାକି ଶତ୍ରୁମାନଙ୍କ ପାଇଁ ଏକ ନିଦର୍ଶନ ସ୍ୱରୂପ ଉପସ୍ଥାପିତ କରାଯାଇଥିଲା । ହୁଜୁର ଅନ୍‌ୱର ଅ.ବ କହିଲେ ଭବିଷ୍ୟବାଣୀ ସଂକ୍ରାନ୍ତୀୟ କେତେକ ମର୍ମ ବିନ୍ଦୁରେ ହଜ଼ରତ ମୁସ୍‌ଲେହ ମଉଦ୍‌ଙ୍କ ଶବ୍ଦରେ ମୁଁ ବର୍ଣ୍ଣନା କରିବି । ଯଦ୍ୱାରା ଭବିଷ୍ୟବାଣୀର ବ୍ୟାପକତା ଓ ତାହାର ମହନୀୟତା ସଂପର୍କରେ ଅନୁମାନ ଲଗାଯାଇପାରିବ ।

ହଜ଼ରତ ମୁସ୍‌ଲେହ୍ ମଉଦ ର.ଅ କହନ୍ତି : ୨୦ ଫେବୃୟାରୀର ଦିନ ୧୮୮୬ ମସିହାରେ ସେହି ସହର ଯାହାର ନାମ ହୋଶିୟାର ପୁର ଥିଲା ଏବଂ ଯେଉଁଠାରେ ହୁଜୁର ର.ଅ ଖୁତବା ଜୁମା ଦେଉଥିଲେ ଏବଂ ତାହା ଏଭଳି ଏକ ଘର ଥିଲା ଯାହା ସେତେବେଳେ ତୱେଲା (ଅର୍ଥାତ ପଶୁଶାଳା) ନାମରେ ଖ୍ୟାତ ଥିଲା । ଯାହାର ଅର୍ଥ ତାହା ପ୍ରକୃତ ବାସଯୋଗ୍ୟ ନଥିଲା କି ନିୟମିତ ଗୃହ ନଥିଲା ବରଂ ତାହା ଏକ ଆଭିଜାତ୍ୟ ବ୍ୟକ୍ତିର ଏକ ଅତିରିକ୍ତ କୋଠରୀ ମଧ୍ୟରୁ ଏକ ବଳକା ସ୍ଥାନ ଥିଲା। ଯହିଁରେ ସଂଯୋଗ ବଶତଃ କୌଣସି ଅତିଥି ରହିଯିବା ଅବା ସେଠାରେ ସେହି ଆଭିଜାତ୍ୟ ଘରର ଲୋକମାନେ ତାହାକୁ ଷ୍ଟୋର ରୂପେ ବ୍ୟବହୃତ କରୁଥିଲେ କିମ୍ବା ଆବଶ୍ୟକତାନୁଯାୟୀ ଗୃହପାଳିତ ପଶୁମାନଙ୍କୁ ରଖୁଥିଲେ । ତାହା ଏକ ଅତିରିକ୍ତ ସ୍ଥାନ ଥିଲା, କାଦିୟାନର ଜଣେ ଅପରିଚିତ ଓ ଅଜଣା ବ୍ୟକ୍ତି ଯାହାକୁ କାଦିୟାନ୍‌ର ଲୋକମାନେ ମଧ୍ୟ ଭଲ ଭାବେ ଚିହ୍ନି ନଥିଲେ । ଲୋକମାନଙ୍କର ସେହି ବିରୋଧକୁ ଦେଖି ଯେଉଁମାନେ ଇସ୍‌ଲାମ୍ ଓ ଇସ୍‌ଲାମ ଧର୍ମର ସଂସ୍ଥାପକଙ୍କ ସହିତ ରଖୁଥିଲେ ନିଜ ଈଶ୍ୱରଙ୍କ ସମ୍ମୁଖରେ ଲୋକମାନଙ୍କ ଠାରୁ ପୃଥକ ହୋଇ ଈଶ୍ୱରଙ୍କ ଉପାସନା କରିବା ଓ ତାଙ୍କର ସାହାଯ୍ୟଲାଭ ଏବଂ ତାଙ୍କର ସହଯୋଗର ନିଦର୍ଶନ ଭିକ୍ଷା କରିବା ପାଇଁ ଅସିଥିଲା ଏବଂ ୪୦ ଦିନ ଧରି ଲୋକମାନଙ୍କ ଠାରୁ ପୃଥକ ରହିବା ପରେ ସେ ନିଜ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନ କରିଥିଲେ । କ୍ରମାଗତ ୪୦ ଦିନର ଦୁଆ କରିବା ପରେ ଅଲ୍ଲାଃତାଲା ତାଙ୍କୁ ଏକ ନିଦର୍ଶନ ପ୍ରଦାନ କରିଥିଲେ ଏବଂ ତାହା ଏହାଥିଲା ଯେ, "ମୁଁ କେବଳ ସେହି ପ୍ରତିଶୃତିକୁ ନୁହେଁ ଯାହା ମୁଁ ତୁମ ସହିତ କରିଅଛି ନିଶ୍ଚିତ ରୂପେ ପୂରଣ କରିବି ଏବଂ ତୁମର ନାମକୁ କେବଳ ସମଗ୍ର ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଞ୍ଚାଇବି ନାହିଁ ବରଂ ସେହି ପ୍ରତିଶୃତିକୁ ଅଧିକ ଭବ୍ୟତାର ସହିତ ପୂର୍ଣ୍ଣ କରିବା ପାଇଁ ତୁମକୁ ଏକ ପୁତ୍ର ପ୍ରଦାନ କରିବି ଯିଏ କେତେକ ବିଶିଷ୍ଟ ଗୁଣାବଳୀ ସମ୍ପୂର୍ଣ୍ଣ ହୋଇଥିବ ସିଏ ଇସ୍‌ଲାମ୍‌କୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପ୍ରସାରିତ କରିବ । ଯେତେବେଳେ ଏହି ବିଜ୍ଞପ୍ତିଟି ପ୍ରକାଶିତ ହୋଇଥିଲା ସେତେବେଳେ ଶତ୍ରୁମାନେ ଏହି ଭବିଷ୍ୟବାଣୀ ଉପରେ ଅନବରତ ଆପତ୍ତି କଲେ ଯେ, ଏପରି ଭବିଷ୍ୟବାଣୀକୁ କ'ଣ ଭରସାଯୋଗ୍ୟ ବୋଲି କୁହାଯାଇପାରିବ ଯେ, ମୋ ଘରେ ଏକ ପୁତ୍ର ଜନ୍ମ ଗ୍ରହଣ କରିବ । ଲୋକମାନଙ୍କ ଘରେ କ'ଣ ସର୍ବଦା ପୁତ୍ର ଜନ୍ମ ହେଉ ନାହାନ୍ତି ? ହଜ଼ରତ ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ପ୍ରକୃତ କଥା ହେଉଛି ଯେ, ଯଦି ହଜ଼ରତ ମସିହ୍ ମଉଦ୍ ଅ.ସ ନିଜ ଘରେ ଏକ ପୁତ୍ର ଜନ୍ମ ହେବାର ସୂଚନା ଦେଇଥାଆନ୍ତେ, ତାହାହେଲ ତାହା ମଧ୍ୟ ନିଜ ଅସ୍ତିତ୍ୱରେ ଏକ ଭବିଷ୍ୟବାଣୀ ହୋଇଥାଆନ୍ତା । କାରଣ ସଂସାରରେ ଏପରି ଏକ ଅଂଶ ରହିଛି ସେ ଯେତେ କ୍ଷୁଦ୍ର ବା ନ୍ୟୁନ ହେଉ ନା କହିଁକି ତାହା ଏଭଳି ଲୋକମାନଙ୍କର ସଂଖ୍ୟା ହୋଇଥାଏ ଯେଉଁମାନଙ୍କ ଘରେ କୌଣସି ସନ୍ତାନର ଜନ୍ମ ହୋଇ ନଥାଏ । **ଦ୍ୱିତୀୟତଃ** ହୁଜୁର ଅ.ସ ଯେତେବେଳେ ଏହି ଘୋଷଣା କରିଥିଲେ ସେତେବେଳେ ହୁଜୁର ଅ.ସଙ୍କୁ ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସ ହୋଇଥିବ ଏବଂ ସଂସାରରେ ସହସ୍ରରୁ ଉର୍ଦ୍ଧ୍ୱ ଲୋକେ ଏପରି ଦେଖିବାକୁ ମିଳନ୍ତି ଯେଉଁମାନଙ୍କ ଘରେ ୫୦ ବର୍ଷ ପରେ ସନ୍ତାନର ଜନ୍ମର ପରମ୍ପରା ବନ୍ଦ ହୋଇଯାଏ ଏବଂ ପୁନଶ୍ଚ ଏପରି ବି ଲୋକମାନେ ଅଛନ୍ତି ଯେଉଁମାନଙ୍କ ଘରେ କେବଳ କନ୍ୟା ଜନ୍ମ ଗ୍ରହଣ ହୋଇଥାନ୍ତି ଏବଂ ପୁନଶ୍ଚ ଏପରି ବି ଲୋକମାନେ ଅଛନ୍ତି ଯେଉଁମାନଙ୍କ ଘରେ ପୁତ୍ର ତ' ଜନ୍ମ ଗ୍ରହଣ କରନ୍ତି କିନ୍ତୁ କିଛି ଅବଧି ପରେ ସେମାନଙ୍କର ଅକାଳ ବିୟୋଗ ଘଟିଥାଏ ଏବଂ ଏହି ସମସ୍ତ ସନ୍ଦେହଗୁଡ଼ିକ ଏଠାରେ ମଧ୍ୟ ସମ୍ଭବପର ଥିଲା । ଅତଃ **ପ୍ରଥମତଃ** କୌଣସି ପୁତ୍ରର ଜନ୍ମର ସୂଚନା ଦେବା ସଂସାରର କୌଣସି ବ୍ୟକ୍ତି ପକ୍ଷରେ ସମ୍ଭବପର ନୁହଁ । ହଜ଼ରତ ମସିହ୍ ମଉଦ୍ ଅ.ସ ଉକ୍ତ ଆପତ୍ତିକୁ ଅବନତୀ ସ୍ୱରୂପ ଗ୍ରହଣ କରି କହନ୍ତି ଯେ, ଯଦି ଧରି ନିଆଯାଉ ଯେ, କେବଳ ପୁତ୍ରର ଜନ୍ମ ଗ୍ରହଣର କଥାକୁ କୌଣସି ଭବିଷ୍ୟବାଣୀର ଆଖ୍ୟା ଦିଆଯାଇପାରିବ ନାହିଁ । ତେବେ ଏହି ପ୍ରଶ୍ନଟି ଉତ୍ଥାପିତ ହେଉଛି ଯେ, ମୁଁ ତ' କେବଳ ଏକ ପୁତ୍ରର ଜନ୍ମ ଗ୍ରହଣ କରିବାର ସୂଚନା କେବେ ଦେଇଅଛି । ବରଂ ମୁଁ ଏହା କହିଅଛି ଯେ, ଅଲ୍ଲାଃତାଲା ମୋର ଦୁଆକୁ ସ୍ୱୀକାର କରି ଏଭଳି ଏକ ପବିତ୍ରାତ୍ମା ପ୍ରେରଣ କରିବାର ପ୍ରତିଶୃତି ଦେଇଛନ୍ତି ଯାହାର ବାହ୍ୟ ଏବଂ ଆନ୍ତରିକ ବିଭୂତି (ବରକତ୍) ସମଗ୍ର ପୃଥିବୀ ପୃଷ୍ଠରେ ପରିବ୍ୟାପ୍ତ ହେବ ।

ହଜ଼ରତ ମୁସଲେହ୍ ମଉଦ୍ ର.ଅ କହନ୍ତି : କେତେକ ଲୋକମାନେ କହନ୍ତି ଯେ, ମୁସ୍‌ଲେହ୍ ମଉଦ୍ ର.ଅ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ କୌଣସି ଆଗାମୀ ବଂଶଧରରୁ ତିନି ଶହ ବା ଚାରି ଶହ ବର୍ଷ ପରେ ସେହି ପବିତ୍ରାତ୍ମାର ଆବିର୍ଭାବ ଘଟିବ । ସାଂପ୍ରତିକ କାଳରେ ସେହି ପବିତ୍ରାତ୍ମାର ଆବିର୍ଭାବ ହୋଇପାରିବ ନାହିଁ। କିନ୍ତୁ ସେହି ଆପତ୍ତିକାରୀଙ୍କ ମଧ୍ୟରୁ କେହି ହେଲେ ଈଶ୍ୱରଙ୍କୁ ଭୟ କରନ୍ତି ନାହିଁ ସେମାନେ ଭବିଷ୍ୟବାଣୀର ସେହି ଶବ୍ଦଗୁଡ଼ିକୁ ଅନୁଧ୍ୟାନ କରନ୍ତୁ ଏବଂ ତାହା ଉପରେ ଚିନ୍ତା କରନ୍ତୁ । ହଜ଼ରତ ମସିହ୍ ମଉଦ୍ ଅ.ସ ଉଲ୍ଲେଖ କରନ୍ତି ଯେ, ବର୍ତ୍ତମାନ ସମୟରେ ଇସ୍‌ଲାମ୍ ଉପରେ ଆପତ୍ତି କରାଯାଏ ଯେ, ଇସଲାମ ନିଜ ମଧ୍ୟରେ କୌଣସି ନିଦର୍ଶନ ପ୍ରଦର୍ଶନ କରିବାର ସାମର୍ଥ୍ୟ ରଖୁ ନାହିଁ । ସୁତରାଂ ପଣ୍ଡିତ ଲେଖ୍ ରାମ ଆପତ୍ତି କରୁଥିଲା ଯେ, ଯଦି ତୁମର ଇସ୍‌ଲାମ୍ ଧର୍ମ ସତ୍ୟ ତେବେ ତୁମେ କୌଣସି ସତ୍ୟ ନିଦର୍ଶନ ପ୍ରଦର୍ଶନ କରୁନା କାହିଁକି ? ଇନ୍ଦ୍ରମନ ମଧ୍ୟ ଆପତ୍ତି କରୁଥିଲା ଯେ, ଯଦି ଇସ୍‌ଲାମ୍ ଧର୍ମ ସତ୍ୟ ତେବେ ଏଭଳି ନିଦର୍ଶନ ପ୍ରଦର୍ଶନ କର ଯାହାକି ଇନ୍ଦ୍ରମନ ମୁରାଦାବାଦୀକୁ ଯିଏକି ଇସ୍‌ଲାମ୍ ଧର୍ମର ବିରୋଧୀ ତାହାକୁ ନିରୁତ୍ତର କରିଦେବ ଏବଂ ଏହି ଆପତ୍ତିକାରୀ ଆମକୁ କହନ୍ତି ଯେ, ଯେତେବେଳେ

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 9 Thursday 29 FEBRUARY 2024 Issue No.-9

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ହଜ଼ରତ ମସିହ୍ ମଉଦ୍ ଅ.ସ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନାରତ ହେଲେ ସେତେବେଳେ ଅଲ୍ଲାଃତାଲା ହୁଜୁର ଅ.ସଙ୍କୁ ଏହି ସମ୍ବାଦଟି ଦେଲେ ଯେ, "ଆଜି ଠାରୁ ତିନି ବର୍ଷ ପରେ ଆମ୍ଭେ ତୁମକୁ ଏକ ପୁତ୍ର ପ୍ରଦାନ କରିବୁ ଯିଏ ଇସ୍‌ଲାମ୍‌ର ସତ୍ୟତାର ଏକ ନିଦର୍ଶନ ସ୍ୱରୂପ ହେବ ।" କ'ଣ ସଂସାରରେ ଏମିତି କୌଣସି ବ୍ୟକ୍ତି ଅଛି ଯିଏ ଏହି କଥାକୁ ତର୍କସଂଗତ ବୋଲି କହିପାରିବ । ପଣ୍ଡିତ ଲେଖ୍‌ରାମ, ମୁନଶୀ ଇନ୍ଦ୍ରମନ ମୁରାଦାବାଦୀ ଏବଂ କାଦିୟାନ୍‌ର ହିନ୍ଦୁମାନେ ତ' ଏହା କହୁଛନ୍ତି ଯେ, ଇସ୍‌ଲାମ ଧର୍ମ ସଂପର୍କରେ ଏହି ଦାବିଟି ଯେ, ତାହାର (ଅର୍ଥାତ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଈଶ୍ୱର) ସଂସାରକୁ ନିଦର୍ଶନ ପ୍ରଦର୍ଶନ କରିବାର ସାମର୍ଥ୍ୟ ରଖନ୍ତି, ଏହା ମିଛ ଏବଂ ଭିତ୍ତିହୀନ ଦାବି ଅଟେ । ଯଦି ଏହି ଦାବିରେ କୌଣସି ସତ୍ୟତା ରହିଛି ତେବେ ଆମମାନଙ୍କୁ ସେହି ନିଦର୍ଶନ ଦେଖାଇ ପ୍ରମାଣ ଦିଆଯାଉ। ଅତଃଏବ ହଜ଼ରତ ମସିହ୍ ମଉଦ୍ ଅ.ସ  ଅଲ୍ଲାଃତାଲାଙ୍କ ନିକଟରେ ନତମସ୍ତକ ହୋଇ କହନ୍ତି ଯେ, ହେ ଈଶ୍ୱର ! ମୁଁ ତୁମ୍ଭ ନିକଟରେ ଦୁଆ କରୁଅଛି ଯେ, ତୁମ୍ଭେ ଆମ୍ଭକୁ ଦୟାର ନିଦର୍ଶନ ପ୍ରଦାନ କର, ତୁମ୍ଭେ ଆମ୍ଭକୁ ଶକ୍ତି ଓ ସାମୀପ୍ୟର ନିଦର୍ଶନ ପ୍ରଦାନ କର । ସୁତରାଂ ଏହି ନିଦର୍ଶନଟି ଏଭଳି ସବୁଠୁ ନିକଟବର୍ତ୍ତୀ ସମୟରେ ପ୍ରକାଶ ପାଇଥାଆନ୍ତା ଯେତେବେଳେ ସେହି ବିରୋଧୀମାନେ ଜୀବିତ ରହିଥିବେ, ଯେଉଁମାନେ ଏହି ନିଦର୍ଶନ ଦେଖିବା ପାଇଁ ଆଶାୟୀ ଥିଲେ । ସୁତରାଂ ଏହିପରି ହିଁ ଘଟିଲା। ୧୮୮୯ ମସିହାରେ ଯେତେବେଳେ ମୋର (ଅର୍ଥାତ ମୁସ୍‌ଲେହ୍ ମଉଦ୍ ର.ଅ) ଜନ୍ମ ଅଲ୍ଲାଃତାଲାଙ୍କ ଭବିଷ୍ୟବାଣୀ ଅନୁଯାୟୀ ହେଲା ସେତେବେଳେ ସେହି ଲୋକମାନେ ଜୀବିତ ଥିଲେ, ଯେଉଁମାନେ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଠାରୁ ନଦର୍ଶନ ଚାହିଁଥିଲେ । ପୁନଶ୍ଚ ଯେଉଁଭଳି ଭାବରେ ମୁଁ ବଡ଼ ହେବାକୁ ଲାଗିଲି ଅଲ୍ଲାଃତାଲାଙ୍କ ନିଦର୍ଶନ ଅଧିକରୁ ଅଧିକ ପ୍ରକାଶ ହୋଇ ଚାଲିଲା । ସୁତରାଂ ଏହି ନିଦର୍ଶନ ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଜୀବନରେ ଓ ସେହି ଆପତ୍ତିକାରୀ ତଥା ବିରୋଧୀଙ୍କ ଜୀବନକାଳ ମଧ୍ୟରେ ଯେଉଁମାନେ ଇସ୍‌ଲାମ୍ ଧର୍ମ ଉପରେ ଆପତ୍ତି କରୁଥିଲେ, ପ୍ରକାଶ୍ୟ ହେବା ନତ୍ୟାନ୍ତ ଆବଶ୍ୟକ ଥିଲା, ଯେଉଁମାନେ ଏହି ନିଦର୍ଶନ ଚାହିଁଥିଲେ ।

ହଜ଼ରତ ଖଲିଫତୁଲ୍ ମସିହ୍ ସାନି ର.ଅଙ୍କ ଏହି ବାକ୍ୟ ଯେ, ମୁଁ ହିଁ ସେହି ପ୍ରତିଶ୍ରୁତ ମୁସ୍‌ଲେହ୍ ମଉଦ୍ । ପ୍ରଥମେ ହୁଜୁର ର.ଅଙ୍କ ଉପରେ ଏହି ଆପତ୍ତିଟି ରହିଥିଲା ଯେ, ହୁଜୁର ର.ଅ ଉକ୍ତ ଭବିଷ୍ୟବାଣୀର ଘୋଷଣା କରି ନାହାନ୍ତି । ୧୯୪୪ ମସିହାରେ ହୁଜୁର ର.ଅ ପ୍ରଥମ କରି ଏହି ଭବିଷ୍ୟବାଣୀ ସଂପର୍କରେ ପୁଷ୍ଟି ଓ ଘୋଷଣା କରିଥିଲେ । ହୁଜୁର ର.ଅ କହିଲେ ଯେ, ମୁଁ କହୁଅଛି ଏବଂ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ, ମୁଁ ହିଁ ସେହି ପ୍ରତିଶ୍ରୁତ ମୁସ୍‌ଲେହ୍ ମଉଦ ଭବିଷ୍ୟବାଣୀର ଚରିତାର୍ଥ ଅଟେ । ଯେଉଁ ବ୍ୟକ୍ତି ଏହା ଭାବୁଛି ଯେ, ମୁଁ ଆରୋପର ସାହାଯ୍ୟ ନେଇଛି କିମ୍ବା ଏ ସଂକ୍ରାନ୍ତରେ ମିଥ୍ୟା ଓ ପ୍ରବଞ୍ଚନା କରିଛି । ତେବେ ସେ ମୋ ନିକଟକୁ ଆସୁ ଏବଂ ଏହି ବିଷୟରେ ମୋ ସହିତ ବାକ୍‌ଯୁଦ୍ଧ କରି ମୋତେ ଶ୍ରାପିତ କରୁ । ପୁନଶ୍ଚ ଅଲ୍ଲାଃତାଲା ସ୍ୱତଃସ୍ଫୁର୍ତ୍ତଃ ରୂପେ ନିଜର ଆକାଶୀୟ ନିଦର୍ଶନ ମାଧ୍ୟମରେ ବିଚାର କରିଦେବେ ଯେ, କିଏ ମିଥ୍ୟାବାଦୀ ଓ କିଏ ସତ୍ୟବାଦୀ । କିନ୍ତୁ କେହିବି ସମ୍ମୁଖକୁ ଆସିଲେ ନାହିଁ ।

ଏଣୁ ଅଲ୍ଲାଃତାଲାଙ୍କ ଦୟା ଓ କୃପା ବଳରୁ ଉକ୍ତ ଭବିଷ୍ୟବାଣୀ ଯାହାର ପୂର୍ଣ୍ଣ ହେବାକୁ ଦୀର୍ଘ ସମୟ ଧରି ଅପେକ୍ଷା କରାଯାଉଥିଲା ଅଲ୍ଲାଃତାଲା ତାହା ସଂପର୍କରେ ନିଜର ଐଶୀବାଣୀ ଓ ଘୋଷଣାନାମ ମାଧ୍ୟମରେ ମୋତେ କହିଦେଲେ ଯେ, ଭବିଷ୍ୟବାଣୀଟି ମୋ ଅସ୍ତିତ୍ୱରେ ପୂର୍ଣ୍ଣ ହୋଇ ସାରିଛି ଏବଂ ବର୍ତ୍ତମାନ ଇସ୍‌ଲାମ୍‌ର ଶତ୍ରୁଙ୍କ ଉପରେ ଅଲ୍ଲାଃତାଲା ପୂର୍ଣ୍ଣ ରୂପେ ଚରିତାର୍ଥ କରିଦେଇଛନ୍ତି ଏବଂ ସେମାନଙ୍କ ଉପରେ ଏହି କଥା ସ୍ୱଷ୍ଟ କରିଦେଇଛନ୍ତି ଯେ, ଇସ୍‌ଲାମ୍ ଅଲ୍ଲାଃତାଲାଙ୍କର ଏକ ସତ୍ୟ ଧର୍ମ ଏବଂ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ଅଲ୍ଲାଃତାଲାଙ୍କର ପ୍ରିୟ ରସୁଲ ଅଟନ୍ତି ଏବଂ ହଜ଼ରତ ମସିହ୍ ମଉଦ୍ ଅ.ସ ଅଲ୍ଲାଃତାଲାଙ୍କର ସତ୍ୟ ପ୍ରେଷିତ ଅଟନ୍ତି, ସେହି ଲୋକମାନେ ହିଁ ମିଥ୍ୟାବାଦୀ ଯେଉଁମାନେ ଇସ୍‌ଲାମ୍‌କୁ ଅସତ୍ୟ ଏବଂ ଆଁହଜ଼ରତ ସ.ଅଙ୍କୁ ମିଥ୍ୟାବାଦୀ ବୋଲ କହନ୍ତି, ଅଲ୍ଲାଃତାଲାଙ୍କ ସେହି ଭବ୍ୟ ଭବିଷ୍ୟବାଣୀ ମାଧ୍ୟମରେ ଇସ୍‌ଲାମ୍ ଓ ରସୁଲ୍ କରୀମ ସ.ଅଙ୍କ ସତ୍ୟତତାର ଗୋଟିଏ ଗୋଟିଏ ଜୀବନ୍ତ ପ୍ରମାଣ ଲୋକମାନଙ୍କର ସମ୍ମୁଖରେ ପ୍ରସ୍ତୁତ କରିଦେଇଛି ।

ହୁଜୁର ର.ଅ କହନ୍ତି ଯେ, ଆଚ୍ଛା କେଉଁ ବ୍ୟକ୍ତିର ଏପରି ସାମର୍ଥ୍ୟ ଥିଲା ଯେ, ସେ ଆଜକୁ ପ୍ରାୟ ୫୮ ବର୍ଷ ପୂର୍ବେ ୧୮୮୬ ମସିହାରେ ନିଜ ଆଡୁ ଏହି ସମ୍ବାଦ ଦେଇପାରି ଥାଆନ୍ତା ଯେ, ତା ଘରେ ୯ ବର୍ଷର ଅବଧି ମଧ୍ୟରେ ଏକ ପୁତ୍ର ଜନ୍ମ ନେବ, ସେ ଶୀଘ୍ର ଶୀଘ୍ର ବଢିବ, ସେ ସଂସାରର କୋଣ ଅନୁକୋଣ ପର୍ଯ୍ୟନ୍ତ ଖ୍ୟାତି ଲାଭ କରିବ, ସେ ଇସ୍‌ଲାମ୍ ଓ ରସୁଲ କରୀମ୍ ସ.ଅଙ୍କର ନାମକୁ ସମଗ୍ର ପୃଥିବୀରେ ପ୍ରସାରିତ କରିବ । ସେ ବାହ୍ୟ ଓ ଅନ୍ତଃ ଜ୍ଞାନ ଦ୍ୱରା ପରିପୂର୍ଣ୍ଣ ହୋଇଥିବ, ସେ ଅଲ୍ଲାଃତାଲାଙ୍କ ପ୍ରତାପର ଆବିର୍ଭାବର କାରଣ ସାବ୍ୟସ୍ତ ହେବ ଏବଂ ଅଲ୍ଲାଃତାଲାଙ୍କ ଶକ୍ତି ଓ ସାମୀପ୍ୟତା ଏବଂ ତାଙ୍କର ଦୟାର ଏକ ଜୀବନ୍ତ ପ୍ରତୀକ ହେବ । ଏହି ସମ୍ବାଦଟି ସଂସାରର କୌଣସି ବ୍ୟକ୍ତି ଦେଇପାରି ନଥାଆନ୍ତା। ସୁତରାଂ ଅଲ୍ଲାଃତାଲା ଏହି ସୂଚନା ଦେଲେ ଏବଂ ସେ ହିଁ ଉକ୍ତ ସମ୍ବାଦ ବା ସୂଚନାଟିକୁ ଉକ୍ତ ପବିତ୍ରାତ୍ମା ମାଧ୍ୟମରେ ପୂର୍ଣ୍ଣ କଲେ । ଅର୍ଥାତ ମୁସ୍‌ଲେହ୍ ମଉଦ୍ ରଅଙ୍କ ମାଧ୍ୟମରେ ।

ଅତଃ ଏହା କୌଣସି ସାଧାରଣ ଘୋଷଣା ନଥିଲା । ହୁଜୁର ର.ଅଙ୍କ ୫୨ ବର୍ଷୀୟ ଖିଲାଫତ୍‌ର ସମୟ ଓ ତାହାର ପ୍ରତ୍ୟେକ ଦିନ ସେହି ମହାନତାକୁ ପରିପ୍ରକାଶ କରୁଅଛି । ପୁନଶ୍ଚ ହୁଜୁର ର.ଅ କହନ୍ତି ଯେ, ହେ ମୋର ବନ୍ଧୁମାନେ ! ମୁଁ ମୋ ନିଜ ପାଇଁ କୌଣସି ସମ୍ମାନର ଆଶା କରୁ ନାହିଁ । ଯେତେବେଳେ ଅଲ୍ଲାଃତାଲା ମୋ ଉପରେ ଏହା ପ୍ରକାଶ କରନ୍ତି ଯେ, ସେ ମୋତେ ଅଧିକ ଦୀର୍ଘାୟୁ କରିବେ ତେବେ ମୁଁ ତାହାର ଆଶାବାଦୀ ନୁହେଁ । ମୁଁ ପୂର୍ଣ୍ଣ ବିଶ୍ୱାସର ସହିତ କହୁଛି ଯେ, ରସୁଲ କରୀମ ସ.ଅ ଓ ଇସ୍‌ଲାମ୍‌ର ପ୍ରତିଷ୍ଠା ବା ଗାରିମାର ସଂସ୍ଥାପନ କରିବାରେ ଏବଂ ପୁନର୍ବାର ଇସଲାମକୁ ନିଜ ଗୋଡ଼ରେ ନିଜେ ଛିଡ଼ା କରିବା ପାଇଁ ଓ ଖ୍ରୀଷ୍ଟ ଧର୍ମକୁ ପାଦ ତଳେ ଦଳି ଦେବା ପାଇଁ ମୋର ଆଗାମୀ କାମରେ **ଇନ୍‌ଶାଅଲ୍ଲାଃ** ପ୍ରଭୁତ ଅଂଶ ଥିବ ଏବଂ ସେହି ଗୋଇଠି ଯାହା ଶୈତାନ୍‌ର ମୁଣ୍ଡକୁ ଦଳିବ ଏବଂ ଖ୍ରୀଷ୍ଟ ଧର୍ମର ଅବସାନ ଘଟାଇବ । ତନ୍ମଧ୍ୟରୁ ମୋର ମଧ୍ୟ ଏକ ଗୋଇଠି ଅନ୍ୟତମ ଥିବ। **ଇନ୍‌ଶାଅଲ୍ଲାଃ** ।

ପୁନଶ୍ଚ ହୁଜୁର ର.ଅ କହନ୍ତି ଯେ, ଇତ୍ୟବସରରେ ମୁଁ ଯେଉଁଠି ଆପଣମାନଙ୍କୁ ଏହି ସୁସମ୍ବାଦ ଦେଉଛି ଯେ, ଅଲ୍ଲାଃତାଲା ଆପଣମାନଙ୍କ ସମ୍ମୁଖରେ ହଜ଼ରତ ମସିହ୍ ମଉଦ ଅ.ସଙ୍କ ସେହି ଭବିଷ୍ୟବାଣୀକୁ ପୂର୍ଣ୍ଣ କରିଦେଲେ ଯାହା ମୁସ୍‌ଲେହ୍ ମଉଦ୍ ର.ଅଙ୍କ ସହିତ ଜଡ଼ିତ ଥିଲା ସେଠାରେ ମୁଁ ଆପଣମାନଙ୍କୁ ସେହି ଦାୟିତ୍ୱ ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରୁଛି ଯେ, ଆପଣମାନଙ୍କର ସର୍ବାଦୌ କର୍ତ୍ତବ୍ୟ ଏହା ଯେ, ଆପଣମାନେ ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ଆଣନ୍ତୁ ଏବଂ ନିଜ ରକ୍ତର ଶେଷ ବୁନ୍ଦା ପର୍ଯ୍ୟନ୍ତ ଇସ୍‌ଲାମ୍ ଓ ଅହେମଦିୟତ୍‌ର ବିଜୟ ତଥା ଉତ୍ତୀର୍ଣ୍ଣତା ପାଇଁ ବାହାନା ପାଇଁ ପ୍ରସ୍ତୁତ ହୋଇ ଯାଆନ୍ତୁ। ନିଃସନ୍ଦେହ ତୁମେ ଅଲ୍ଲାଃତାଲାଙ୍କ ସେହି ଭବିଷ୍ୟବାଣୀ ଯାହାକୁ ଅଲ୍ଲାଃତାଲା ପୂର୍ଣ୍ଣ କରିଛନ୍ତି ସେହି ପୂର୍ତ୍ତି ଅବସରରେ ତୁମେ ଆନନ୍ଦ ଉତ୍ସବ ପାଳନ କର । କିନ୍ତୁ ମୁଁ କହୁଛି ଯେ, ସେହି ଆନନ୍ଦ ପର୍ବରେ ମୁଁ ଓ ତୁମେମାନେ ନିଜ ନିଜର ଦାୟିତ୍ୱକୁ ଯେପରି ବିସ୍ମରଣ ନକରିଦେଉ । ଯେଉଁଭଳି ଭାବରେ ଅଲ୍ଲାଃତାଲା ମୋତେ ସ୍ୱପ୍ନରେ ଏହା ଦେଖାଇଛନ୍ତି ଯେ, ମୁଁ ଦ୍ରୁତ ବେଗରେ ଧାବାମନ ଏବଂ ମୋ ପାଦ ତଳେ ଭୂମି ସଙ୍କୁଚିତ ହୋଇଯାଉଅଛି। ଏହିପରି ଭାବେ ଅଲ୍ଲାଃତାଲା ମୋତେ ଐଶୀବାଣୀ ଦ୍ୱାରା ସୂଚିତ କରିଛନ୍ତି ଯେ, ମୁଁ ଶୀଘ୍ର ଶୀଘ୍ର ବଢିବି । ଅତଃ ମୋ ପାଇଁ ଏହା ସ୍ଥିରୀକୃତ ହୋଇଛି ଯେ, ମୁଁ ଦ୍ରୁତ ବେଗରେ ନିଜର ପାଦକୁ ଉନ୍ନତି ପଟେ ଆଗେଇ ନେଉଛି । କିନ୍ତୁ ଏଥିସହିତ ଆପଣମାନଙ୍କ ଉପରେ ମଧ୍ୟ ଏହି ଦାୟିତ୍ୱଟି ନ୍ୟସ୍ତ ହେଉଛି ଯେ, ଆପଣମାନେ ମଧ୍ୟ ନିଜର ପାଦକୁ ତୀବ୍ର କରନ୍ତୁ ଏବଂ ନିଜର ମନ୍ଥରପଣକୁ ତ୍ୟାଗ କରନ୍ତୁ । ଯଦି ଆପଣମାନେ ଉନ୍ନତି କରିବାକୁ ଚାହାନ୍ତି କିମ୍ବା ଯଦି ଆପଣମାନେ ନିଜର ଦାୟିତ୍ୱ ପ୍ରତି ସଠିକ ରୂପେ ସଚେତି ଅଛନ୍ତି ତେବେ ପାଦ ସହିତ ପାଦ ମିଶାଇ ଓ କାନ୍ଧ ସହିତ କାନ୍ଧ ମିଶାଇ ମୋ ସହିତ ଅଗ୍ରସର ହୁଅନ୍ତୁ । କାରଣ ଆମେମାନେ ଅବଜ୍ଞାର ଛାତିରେ ଆଁହଜ଼ରତ ସ.ଅଙ୍କର ଧ୍ୱଜାକୁ ପୋତି ଦେଉ ଏବଂ ମିଥ୍ୟାକୁ ସବୁଦିନ ପାଇଁ ପୃଥିବୀ ପୃଷ୍ଠରୁ ନିଶ୍ଚିହ୍ନ ତଥା ଧ୍ୱଂସ କରିଦେବୁ ଏବଂ ଇନ୍‌ଶାଅଲ୍ଲାଃ ତାହା ହିଁ ହେଉ। ଆକାଶ ପାତାଳ ଟଳିପାରେ କିନ୍ତୁ ମୁହମ୍ମଦ ସ.ଅଙ୍କ କଥା କେବେହେଲେ ଟଳିପାରିବ ନାହିଁ । **(ଅବଶିଷ୍ଟାଂଶ ପରବର୍ତ୍ତୀ ସଂଖ୍ୟାରେ........)**

☆ ☆ ☆

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Disftt. Gsp-143516, Punjab. India. Editor: Qamrul Haque Khan